

# ଜଗନ୍ନାଥ ଏକ୍ସପ୍ରେସ୍

JAGANNATH EXPRESS



RNI Regn No- ODIODI/2014/57766.

Vol.11 . No.84 Bhubaneswar, Saturday, November 30, 2024 | ବର୍ଷ- ୧୧ ସଂଖ୍ୟା-୮୪ ଭୁବନେଶ୍ୱର ଶନିବାର, ନଭେମ୍ବର ୩୦.୨୦୨୪ | ପୃଷ୍ଠା - ୮ | ମୂଲ୍ୟ : ୨.୦୦/-

# ୩ଦିନିଆ ଗସ୍ତରେ ପ୍ରଧାନମନ୍ତ୍ରୀ ମୋଦି

## ବିଶ୍ୱରେ ଆମେ ଓଡ଼ିଶାକୁ ପ୍ରାଥମିକତା ଦେବାକୁ ଚାହୁଁଛୁ – ମୋଦୀ








ଭୁବନେଶ୍ୱର, ୨୯/୧୧ :ଓଡ଼ିଶାକୁ କେବଳ ଦେଶରେ ନୁହେଁ ବରଂ ସମଗ୍ର ବିଶ୍ୱର ମାନଚିତ୍ରରେ ପ୍ରାଥମିକତା ମିଳୁ । ସେଥିପାଇଁ ଏଠାରେ ଜି-୨୦ ସମ୍ମିଳନୀଠୁ ଆରମ୍ଭ କରି ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀ, ପୁଲିସ ଡିଜି ସମ୍ମିଳନୀ ଓ ନୌସେନା ଦିବସ ଆଦିର ଆୟୋଜନ କରାଯାଉଛି । ଏହା ଓଡ଼ିଶାକୁ ଦିଆଯାଉଥିବା ପ୍ରାଥମିକତାର ପ୍ରମାଣ । ପୁଲିସ ଡିଜି ସମ୍ମିଳନୀରେ ଯୋଗ ଦେବାକୁ ଆଜିଠୁ ୩ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଜେପି ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ନିର୍ଦ୍ଧାରିତ ସମୟରେ ସ୍ୱତନ୍ତ୍ର ବିମାନରେ ଆସି ଭୁବନେଶ୍ୱର ବିମାନ ବନ୍ଦର ପହଂଚିବା ପରେ ସେଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାକୁ ପ୍ରଧାନମନ୍ତ୍ରୀ ମୋଦି ଉଦବୋଧନ ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଜୟ ଜଗନ୍ନାଥ' କହି ନିଜର ଓଡ଼ିଆ ଭାଷାରେ ଆରମ୍ଭ କରିଥିଲେ । ପ୍ରଭୁ ଲିଙ୍ଗରାଜଙ୍କ ମାଟିକୁ ଆସିବାକୁ ଆଜି ସୁଯୋଗ ମିଳିଛି । ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରଣାମ କରୁଛି । ବିମାନବନ୍ଦରରେ ଏତେ ସଂଖ୍ୟକ ଲୋକଙ୍କ ଉପସ୍ଥିତି ଓ ଏଭଳି ଭଲପାଇବା ଦେଇଥିବାରୁ ମୁଁ କୃତଜ୍ଞ । ମହାରାଷ୍ଟ୍ର ଓ ହରିଆଣା ବିଧାନସଭା ନିର୍ବାଚନ ଓ ଦେଶରେ ବିଭିନ୍ନ ଉପନିର୍ବାଚନର ପରିଣାମ ସମଗ୍ର ଦେଶର ଲୋକଙ୍କ ମଧ୍ୟରେ କିଭଳି ଏକ ବିଶ୍ୱାସ ସୃଷ୍ଟି କରିଛି ତା'ର ଚମକ,ଖୁସି, ଆଗ୍ରହ ଓ ଉତ୍ସାହ ଏଠି ଉପସ୍ଥିତ ଲୋକଙ୍କ ମଧ୍ୟରେ ଅନୁଭବ କରୁଛି । ଓଡ଼ିଶାରୁ ଏହାର ଆରମ୍ଭ ହୋଇଥିଲା । ହରିଆଣା ଓ ମହାରାଷ୍ଟ୍ରରେ ବି ଦେଖିବାକୁ ମିଳିଲା । ଏହା ହିଁ ବିଜେପିର ବିଶେଷତ୍ୱ ଓ ଆମ ଦଳର କର୍ମୀମାନଙ୍କର ସାମର୍ଥ୍ୟ । ବିରୋଧୀ ଦଳ ସବୁବେଳେ ବିଜେପି ସରକାର ବିରୁଦ୍ଧରେ ଅପପ୍ରଚାର କରୁଛି । କିନ୍ତୁ ଲୋକେ ଆଶୀର୍ବାଦ ଦେଉଛନ୍ତି । ସେ କହିଥିଲେ ଯେ, ଦେଶରେ ପ୍ରାୟ ଶହେ ବର୍ଷ ଧରି ପୁଲିସ ଡିଜି ସମ୍ମିଳନୀ ହେଉଛି । କିନ୍ତୁ ଓଡ଼ିଶାରେ ଏହା ପ୍ରଥମଥର ପାଇଁ ଆୟୋଜିତ ହୋଇଛି । ଆଉ ୪ଦିନ ପରେ ପୁରୀରେ 'ନୌସେନା ଦିବସ' ପାଳନ କରାଯିବ । ପୁରୀ ବ୍ଲୁଫ୍ଲାଗ ବେଳାଭୂମିରେ ଏହି ଆୟୋଜନ ହେବ । ଏହା ଅର୍ଥ ଓଡ଼ିଶା ସମଗ୍ର ବିଶ୍ୱରେ କେନ୍ଦ୍ରବିନ୍ଦୁ ରହିବ । ଆଉ ଜାନୁୟାରୀ ମାସରେ ପ୍ରବାସୀ ଭାରତୀୟ ଦିବସର ଆୟୋଜନ ହେବ । ଜି-୨୦ରେ ଭିନ୍ନ ପ୍ରକାରର ଲୋକେ ଆସିଥିଲେ । ଏବେ ବିଦେଶରେ ରହୁଥିବା ଆମ ଲୋକେ ଆସିବେ । ପର୍ଯ୍ୟଟନର ସୁଯୋଗ ବଢ଼ିବ । ଓଡ଼ିଶାକୁ ବିଶ୍ୱର ମାନଚିତ୍ରରେ ପ୍ରାଥମିକତା ଦେବାକୁ ଚାହୁଁଛୁ । ପ୍ରବାସୀ ଭାରତୀୟ ଦିବସର ଆୟୋଜନ ଶାନଦାର ଢଙ୍ଗରେ କରିବାକୁ ପ୍ରଧାନମନ୍ତ୍ରୀ ମୋଦି ପରାମର୍ଶ ଦେଇଥିଲେ । ଓଡ଼ିଶାର ପ୍ରତ୍ୟେକ ଲୋକ ଅନୁଭବ କରିବା ଦରକାର ଯେ, ବିଶ୍ୱର ଲୋକମାନେ ତାଙ୍କ ଘରକୁ ଆସୁଛନ୍ତି ଓ ସେଭଳି ପ୍ରସ୍ତୁତି କରିବାକୁ ସେ ଆହ୍ୱାନ କରିଥିଲେ । ଆମେ ସମସ୍ତେ ମିଶି ଓଡ଼ିଶାର ଗୌରବ ବୃଦ୍ଧି କରିବା । ଡବଲ ଇଞ୍ଜିନ ସରକାରର ସୁଫଳ ମିଳିବା ଆରମ୍ଭ ହୋଇଛି । ବିକାଶର ଗତି ଅଭୂତପୂର୍ବ । ରାଜ୍ୟର ବିଜେପି ସରକାର ଏଠାରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଉପରେ ଗୁରୁତ୍ୱ ଦେଉଛି । ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ, ନିର୍ବାଚନର କିଛିମାସ ପୂର୍ବରୁ ବଡ଼ବଡ଼ ରାଜନୀତିକ ପଣ୍ଡିତମାନେ ଓଡ଼ିଶାରେ ବିଜେପିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରୁଥିଲେ । ଓଡ଼ିଶାରେ ବିଜେପି ଏତେବଡ଼ ଶକ୍ତି ନୁହେଁ ଯେ, ରାଜ୍ୟରେ ଏକାକୀ ସରକାର ଗଢ଼ିବ । କିନ୍ତୁ ଫଳାଫଳ ଆସିବାପରେ ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ । କାରଣ ଓଡ଼ିଶାର ଲୋକେ ବିଜେପିର କେନ୍ଦ୍ର ସରକାରଙ୍କ କାର୍ଯ୍ୟକୁ ସ୍ୱୀକାର କରିଥିଲେ ଓ ବିଗତ ୧୦ବର୍ଷ ମଧ୍ୟରେ ଗାଁ ଗାଁ ଓ ଘରେଘରେ ଲୋକଙ୍କ ପାଖରେ କେନ୍ଦ୍ର ସରକାରଙ୍କ ଯୋଜନା ପହଂଚାଇବା ପାଇଁ କ୍ରମାଗତ କାର୍ଯ୍ୟ କରୁଥିଲୁ । ଏଠି ଆମ ଯୋଜନାର ନାଁ ପରିବର୍ତ୍ତନ କରିଦିଆଯାଉଥିଲା । ତଥାପି ଆମେ କାମ କରି ଚାଲିଥିଲୁ । କେନ୍ଦ୍ର ସରକାର ବା ମନ୍ତ୍ରିମଣ୍ଡଳରେ ଓଡ଼ିଆଙ୍କ ପ୍ରତିନିଧିତ୍ୱ ଯେତିକି ଏବେ ଅଛି ତାହା ପୂର୍ବରୁ କେବେ ନଥିଲା । ଓଡ଼ିଶା ପାଇଁ ବଜେଟ ପରିମାଣକୁ ୩ଗୁଣ କରିଥିଲୁ । କିଛି ଭେଦଭାବ କରିନଥିଲୁ । ସେଥିପାଇଁ ଓଡ଼ିଶାର ଲୋକେ ବିଜେପିକୁ ବିଶ୍ୱାସ କଲେ ଓ ଆଶୀର୍ବାଦ ଦେଲେ । ଆମର ଭାବ ଏତେ ସୁଦୃଢ଼ ଥିଲା ଯେ ଭାଷାଠୁ ବି ତାହା ବଳିଯାଇଥିଲା । ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସର ନାଁ ନେଇ କଡ଼ା ଭାଷାରେ ସମାଲୋଚନା କରିଛନ୍ତି । ରାଜନୀତିରେ 'ନୀତିଗତ ବିରୋଧ' ରହିବା ସ୍ୱାଭାବିକ କଥା । ଯେକୌଣସି ନିଷ୍ପତ୍ତିକୁ ନେଇ ଭିନ୍ନ ଭିନ୍ନ ମତ ରହିବ । ରାଜନୀତିକ ଦଳଗୁଡ଼ିକ ଭିନ୍ନ ଭିନ୍ନ କଥା ଲୋକଙ୍କ ନିକଟକୁ ନେଇଥାନ୍ତି । ସମ୍ବିଧାନର ମର୍ଯ୍ୟାଦା ଭିତରେ ରହି ନିଜର ବିଚାର ପରିପ୍ରକାଶ କରିଥାନ୍ତି । କିନ୍ତୁ ବିଗତ କିଛି ଦିନରେ ଏକ ବଡ଼ପରିବର୍ତ୍ତନ ଅନୁଭବ କରୁଥିବେ । ଗଣତନ୍ତ୍ରର ସବୁ ସୀମାକୁ ଉଲ୍ଲଙ୍ଘନ କରାଯାଉଛି । ଯେଉଁମାନେ କ୍ଷମତାକୁ ନିଜର ଜନ୍ମଗତ ଅଧିକାର ଭାବୁଥିଲେ ସେମାନେ କେନ୍ଦ୍ରରେ ଶାସନ ପ୍ରାୟ ଏକ ଦଶନ୍ଧି ଧରି ହରାଇଛନ୍ତି । ଏହି ଆକ୍ରୋଶ ସେମାନେ ଲୋକଙ୍କ ଉପରେ ଶୁଝାଉଛନ୍ତି । ଦେଶକୁ ଭୁଲ୍ ବାଟରେ ନେବା ପାଇଁ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି । ମିଛ ଓ ଅପପ୍ରଚାରର ଅଭିଯାନକୁ ଅଧିକ ଜୋରଦାର କରିବାରେ ଲାଗିଛନ୍ତି । ତେଣୁ ବିଜେପିର କର୍ମୀମାନଙ୍କ ସମେତ ଯେଉଁମାନେ ସମ୍ବିଧାନର ସମ୍ମାନ କରୁଛନ୍ତି,ଯିଏ ଗଣତନ୍ତ୍ରରେ ବଂଚୁଛନ୍ତି, ଯିଏ ଦେଶକୁ ଭଲ ପାଉଛନ୍ତି ସେମାନଙ୍କ ପାଇଁ ଏଭଳି ଲୋକଙ୍କ ଉଦ୍ଦେଶ୍ୟ ଓ କାର୍ଯ୍ୟ ବହୁତବଡ଼ ଚ୍ୟାଲେଞ୍ଜ ପାଲଟିଛି । ତେଣୁ କ୍ଷମତାଲୋଭୀ ଲୋକମାନଙ୍କ ପ୍ରତି ସତର୍କ ରହିବାର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ ମୋଦି ଆହ୍ୱାନ ଦେଇଛନ୍ତି । ମୋଦି ଏହି ଅବସରରେ ନୂଆଦିଲ୍ଲୀରେ ଓଡ଼ିଶା ପରବରେ ସାମିଲ ହୋଇ ପିଇଥିବା 'ମସଲା ଚା'ର ପ୍ରଶଂସା କରିଥିଲେ ଓ ଓଡ଼ିଶାର ସମୃଦ୍ଧ ଐତିହ୍ୟ ଓ ସଂସ୍କୃତିର ପ୍ରଶଂସା କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଓଡ଼ିଶା ପାଇଁ ଆଜି ଐତିହାସିକ ଦିନ । ପ୍ରଧାନମନ୍ତ୍ରୀଙ୍କ ଏହା ହେଉଛି ଓଡ଼ିଶାକୁ ତୃତୀୟ ଗସ୍ତ । ଭୁବନେଶ୍ୱରରେ ପ୍ରଥମଥର ପାଇଁ ଓଡ଼ିଶାରେ ଡିଜିପି ସମ୍ମିଳନୀ ଆୟୋଜନ କରିବା ପାଇଁ ସୁଯୋଗ ଦେଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛି । ପ୍ରଧାନମନ୍ତ୍ରୀଙ୍କ ଆଶୀର୍ବାଦରେ ଆମ ସରକାର ଦକ୍ଷତାର ସହ ଓଡ଼ିଶାବାସୀଙ୍କ ସେବା କରିଚାଲିଛି । ଆମର ୫ମାସର ସରକାର ଅତ୍ୟନ୍ତ ଘଟଣାବହୁଳ ହୋଇଛି । ସବକା ସାଥ,ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସକୁ ମୂଳମନ୍ତ୍ର କରି ଓଡ଼ିଶାର ବିକାଶ ପାଇଁ କାର୍ଯ୍ୟ କରୁଛି । ଉତ୍କର୍ଷ ଓଡ଼ିଶା ମାଧ୍ୟମରେ ମୋଟ ୧.୮୦ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରାଯାଇ ଅନୁମୋଦନ ସହ ୧.୧୦ଲକ୍ଷ ନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇଛି । ଖୁବକମ୍ ଦିନରେ ୧୮ହଜାର ସରକାରୀ ନିଯୁକ୍ତି ମଧ୍ୟ ପ୍ରଦାନ କରାଯାଇଛି । 'ଉତ୍କର୍ଷ ଓଡ଼ିଶା' ସମ୍ମିଳନୀ ଜାନୁୟାରୀ ୨୮ରେ ହେବ, ସେତେବେଳେ ବି ଆହୁରି ଅଧିକ ପୁଞ୍ଜି ଆସିବ । ଆମ ସରକାର ଏକ ସମ୍ବେଦନଶୀଳ ସରକାର ଭାବେ ସମସ୍ତଙ୍କ ପ୍ରତି ଯତ୍ନବାନ ଅଛନ୍ତି । ପ୍ରଧାନମନ୍ତ୍ରୀ ୨୦୪୭ ମସିହା ସୁଦ୍ଧା 'ବିକଶିତ ଭାରତ' ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି ସେଥିରେ ଓଡ଼ିଶାର ବହୁତ ବଡ଼ ଯୋଗଦାନ ରହିଛି । ୨୦୩୬ ମସିହାରେ ଯେବେ ଓଡ଼ିଶା ପ୍ରଦେଶ ଗଠନର ୧୦୦ବର୍ଷ ପୂରଣ ହେବ, ସେବେ 'ସମୃଦ୍ଧ ଓଡ଼ିଶା, ବିକଶିତ ଓଡ଼ିଶା' ଗଠନ ହେବ ଯାହାକି 'ବିକଶିତ ଭାରତ' ନିର୍ମାଣରେ ବିଶେଷ ସହଯୋଗ ହେବ । କେନ୍ଦ୍ର ସରକାର ଓଡ଼ିଶାକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ଓଡ଼ିଶା ପୂର୍ବୋଦୟ ବିକାଶର କେନ୍ଦ୍ରବିନ୍ଦୁ ହେବାସହିତ ଦେଶର ବିକାଶର ରେଳରେ ପ୍ରଥମ ବଗି ହେବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରେ ଏହାକୁ ସାକାର ରୂପ ଦେବାପାଇଁ ଡବଲ ଇଞ୍ଜିନ ସରକାର ନିଶ୍ଚୟ ଏକ ଆହ୍ୱାନର ସହ କାର୍ଯ୍ୟ କରିବ ବୋଲି ଶ୍ରୀ ମାଝୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ,ଜୁଏଲ ଓରାମ ଓ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କ ସମେତ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ରାଜ୍ୟର ମନ୍ତ୍ରୀମାନେ ଉପସ୍ଥିତ ଥିଲେ ।

## ରାଜ୍ୟରେ ୨୦ଟି ବୃହତ୍ ପୁଞ୍ଜିନିବେଶ ପ୍ରକଳ୍ପକୁ ମଞ୍ଜୁରୀ



ଭୁବନେଶ୍ୱର, ୨୯/୧୧ : ରାଜ୍ୟରେ ଆଉ ୧୩୬୨୨.୨୪କୋଟି ଟଙ୍କାର ୨୦ଟି ବୃହତ୍ ପୁଞ୍ଜିନିବେଶ ପ୍ରକଳ୍ପକୁ ଗୁରୁବାର ମଞ୍ଜୁରୀ ମିଳିଛି । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ୭୪୩୫୦ଟି ଅତିରିକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟଥର ପାଇଁ ଆଜି ହାଇଲେଭଲ କ୍ଲିଅରାନ୍ସ ଅଥରିଟି(ଏଚଏଲସିଏ) ବୈଠକ ବସି ଏହି ୧.୩୬ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଚଏଲସିଏ ବୈଠକରେ ନିବେଶକଙ୍କ ପାଇଁ ଅନୁକୂଳ ଇକୋ-ସିଷ୍ଟମ ଯୋଗାଇବାର ପ୍ରତିବଦ୍ଧତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଉତ୍କର୍ଷ ଓଡ଼ିଶା-୨୦୨୫ ରାଜ୍ୟ ପାଇଁ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ । ଯାହାକି ଓଡ଼ିଶାକୁ ପ୍ରମୁଖ ନିବେଶର କେନ୍ଦ୍ରସ୍ଥଳୀ କରାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଆଜିର ବୈଠକରେ ଯେଉଁ ୨୦ଟି ପ୍ରକଳ୍ପକୁ ଏଚଏଲସିଏ ମଞ୍ଜୁରୀ ମିଳିଛି ସେଗୁଡ଼ିକ ଯାଜପୁର, ଝାରସୁଗୁଡ଼ା, ଖୋର୍ଦ୍ଧା, ସମ୍ବଲପୁର, ଗଞ୍ଜାମ, କଳାହାଣ୍ଡି, ମାଲକାନଗିରି, ଢେଙ୍କାନାଳ, ଭଦ୍ରକ ଓ ଜଗତସିଂହପୁର ଜିଲ୍ଲାରେ ସ୍ଥାପନ ହେବାର ପ୍ରସ୍ତାବ ରହିଛି । ୯ଟି ଭିନ୍ନ ଭିନ୍ନ କ୍ଷେତ୍ରର ମୋଟ ୨୦ଟି ଶିଳ୍ପ ପ୍ରକଳ୍ପକୁ ଆଜି ମଞ୍ଜୁରୀ ମିଳିଛି । ଏଥିରେ ଷ୍ଟିଲ, କେମିକାଲ, ଆଲୁମିନିୟମ, ଆଭିଏସନ୍ ଫୁଏଲ, ଗ୍ରୀନ୍ ଏନର୍ଜି ଆଣ୍ଡ ଇକ୍ୱିପମେଂଟ, ଆପାରେଲ ଓ ଟେକ୍ସଟାଇଲ, ବିଦ୍ୟୁତ ଓ ଅକ୍ଷୟଶକ୍ତି, ସିମେଂଟ ଉତ୍ପାଦନ ଆଦି ରହିଛି । ଆଜିର ବୈଠକରେ ଯେଉଁସବୁ ବୃହତ୍ ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି ସେଥିରେ ଯାଜପୁରରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡର ୬୧ ହଜାର ୭୬୯ କୋଟି ଟଙ୍କାର ଇସ୍ପାତ ପ୍ରକଳ୍ପ ରହିଛି । ଏହି ଇସ୍ପାତ କାରଖାନାର ଉତ୍ପାଦନ କ୍ଷମତା ସମ୍ପ୍ରସାରଣ ଫଳରେ ଅତିରିକ୍ତ ୧୪ହଜାର ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ । କମ୍ପାନୀର ଉତ୍ପାଦନ କ୍ଷମତା ବାର୍ଷିକ ୦.୯୮ ନିୟୁତ ଟନରୁ ୯.୫୦ ନିୟୁତ ଟନ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ସମ୍ବଲପୁରରେ ନିଜର ପ୍ଲାଂଟର ସମ୍ପ୍ରସାରଣ କରିବ । ଏଥିରେ ୧୦୬୪୫ କୋଟି ଟଙ୍କା ନିବେଶ କରିବ ଓ ୧୫୦୫ଜଣଙ୍କୁ ଅତିରିକ୍ତ ନିଯୁକ୍ତି ଯୋଗାଇ ଦେବ । ଅମ୍ବୁଜା ସିମେଂଟ ଦ୍ୱାରା ମାଲକାନଗିରିରେ ୪ହଜାର କୋଟି ଟଙ୍କା ନିବେଶରେ ସିମେଂଟ ଉତ୍ପାଦନ କରାଯିବ, ଏଥିରେ ପ୍ରାୟ ୧୫୦୦ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ । ଦିଲ୍ଲୀ, ମୁମ୍ବାଇ ଓ ସିଙ୍ଗାପୁରରେ 'ଉତ୍କର୍ଷ ଓଡ଼ିଶା' ରୋଡ ଶୋ' ମାଧ୍ୟମରେ ଓଡ଼ିଶା ନିବେଶକଙ୍କୁ ଆକୃଷ୍ଟ କରିବାରେ ସକ୍ଷମ ହୋଇପାରଇଛି । ଚଳିତବର୍ଷ ଜୁନ୍‌ରେ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଓଡ଼ିଶା ୭୩ଟି ଶିଳ୍ପ ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୧.୮୦ଲକ୍ଷ କୋଟି ଟଙ୍କାର ପୁଞ୍ଜି ସଂଗ୍ରହ କରିପାରିଛି ।

## ଭୁବନେଶ୍ୱରରେ ପୁଲିସ ଡିଜି ସମ୍ମିଳନୀକୁ ଉଦଘାଟନ କଲେ ଅମିତ୍ ଶାହ




ଭୁବନେଶ୍ୱର, ୨୯/୧୧ : କଡ଼ାସୁରକ୍ଷା ବଳୟ ମଧ୍ୟରେ ଆଜି ଭୁବନେଶ୍ୱରରେ ୫୯ତମ ପୁଲିସ ଡିଜି ସମ୍ମିଳନୀକୁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଉଦଘାଟନ କରିଛନ୍ତି । ଓଡ଼ିଶାରେ ପ୍ରଥମଥର ପାଇଁ ଆୟୋଜିତ ଏହି ପୁଲିସ ଡିଜି ସମ୍ମିଳନୀରେ ଦ୍ୱିତୀୟ ଓ ତୃତୀୟ ଦିନର ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଧ୍ୟକ୍ଷତା କରିବେ । ଜିରୋ ଟଲେରାନ୍ସ ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ଜିରୋ ଟଲେରାନ୍ସ ଷ୍ଟ୍ରାଟେଜୀ ଓ ଜିରୋ ଟଲେରାନ୍ସ ଆକ୍ସନ ଦିଗରେ ପଦକ୍ଷେପ ନେବାକୁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ଆହ୍ୱାନ ଦେଇଛନ୍ତି । ରାଜଧାନୀ ଭୁବନେଶ୍ୱରସ୍ଥିତ ଲୋକସେବା ଭବନର କନେଭନସନ୍ ସେଂଟରଠାରେ ଆଜିଠୁ ୩ଦିନିଆ ପୁଲିସ ଡିଜି ସମ୍ମିଳନୀ ଆରମ୍ଭ ହୋଇଛି । ଆଜି ଏହି ସମ୍ମିଳନୀକୁ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଶାହ ଉଦଘାଟନ କରିଛନ୍ତି । ଏହି ସମ୍ମିଳନୀରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲଙ୍କ ସମେତ ସମସ୍ତ ରାଜ୍ୟର ପୁଲିସ ଡିଜି, କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ଓ କେନ୍ଦ୍ରୀୟ ପୁଲିସ ସଂଗଠନର ମୁଖ୍ୟମାନେ ଯୋଗ ଦେଇଛନ୍ତି । ଏହାସହିତ ଦେଶର ବିଭିନ୍ନ ରାଜ୍ୟର ବରିଷ୍ଠ ପୁଲିସ ଅଫିସରମାନେ ଭର୍ଚୁଆଲ ମୋଡରେ ମଧ୍ୟ ଏହି ସମ୍ମିଳନୀରେ ସାମିଲ ହୋଇଛନ୍ତି । ଆଜି ଉଦଘାଟନୀ ସମାରୋହ ପରେ ଅନୁଷ୍ଠିତ ଆଲୋଚନା ଶ୍ରୀ ଡୋଭାଲଙ୍କ ସମେତ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀମାନେ ଓ କେନ୍ଦ୍ର ଗୃହ ସଚିବ ଉପସ୍ଥିତ ଥିଲେ । ଏହି ଅବସରରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହ ଗୁଇନ୍ଦା ବ୍ୟୁରୋ(ଆଇବି)ର ଦକ୍ଷ ଅଫିସରଙ୍କୁ ଉଲ୍ଲେଖନୀୟ ସେବା ପାଇଁ ପୁଲିସ ମେଡାଲରେ ସମ୍ମାନିତ କରିଥିଲେ । ସେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ପୁସ୍ତକ 'ର୍‍ୟାଙ୍କିଙ୍ଗ ଅଫ ପୁଲିସ ଷ୍ଟେସନ-୨୦୨୪'ର ଉନ୍ମୋଚନ କରିବା ସହ ଦେଶର ୩ଟି ଶ୍ରେଷ୍ଠ ପୁଲିସ ଥାନାକୁ ମଧ୍ୟ ଟ୍ରଫି ପ୍ରଦାନ କରିଥିଲେ । ଏଥିରେ ଓଡ଼ିଶାର ଗଞ୍ଜାମ ଜିଲ୍ଲାର ପାଟପୁର ପୁଲିସ ଥାନାକୁ ମଧ୍ୟ ଦେଶର ଦ୍ୱିତୀୟ ଶ୍ରେଷ୍ଠ ଥାନା ଭାବେ ପୁରସ୍କୃତ କରାଯାଇଛି । କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହଙ୍କଠୁ ଆଜି ଥାନା ଆଇଆଇସି ସବ୍ୟସାଚୀ ମଲ୍ଲ ଏହି ସମ୍ମାନଜନକ ଟ୍ରଫି ଓ ସାର୍ଟଫିକେଟ ଗ୍ରହଣ କରିଛନ୍ତି । ଉଦଘାଟନୀ ଅଭିଭାଷଣରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ଦେଶରେ ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବା ଓ ୩ଟି ନୂଆ ଅପରାଧ ଆଇନକୁ କାର୍ଯ୍ୟକାରୀ କରିଥିବାରୁ ପୁଲିସ ବାହିନୀକୁ ପ୍ରଶଂସା କରିଥିଲେ । ଶାହ କହିଥିଲେ ଯେ, ଏହି ୩ଟି ନୂଆ ଅପରାଧ ଆଇନ ଯାହାକି ଭାରତର ଅପରାଧିକ ନ୍ୟାୟ ପ୍ରଣାଳୀ ଭାବେ ପରିଚିତ ଓ ଏହା ପୂର୍ବରୁ ଦଣ୍ଡଆଧାରିତ ଥିବାବେଳେ ଏବେ ନ୍ୟାୟକେନ୍ଦ୍ରିତ ହୋଇଛି । ଏହି ନୂଆ ଆଇନର ମୂଳ ଭାବନା ଭାରତୀୟ ପରମ୍ପରା ଦ୍ୱାରା ପ୍ରେରିତ । ୨୦୪୭ ମସିହା ସୁଦ୍ଧା ଭାରତକୁ ସମ୍ପୂର୍ଣ୍ଣ ବିକଶିତ ରାଷ୍ଟ୍ର ଭାବେ ଗଢ଼ିତୋଳିବା ତଥା ୨୦୨୭ ସୁଦ୍ଧା ଦେଶର ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ସୁରକ୍ଷା ସଂସ୍ଥାନଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦେଶର ପୂର୍ବାଂଚଳର ସୀମାରେ ସୁରକ୍ଷା ଚ୍ୟାଲେଞ୍ଜ, ଇମିଗ୍ରେସନ୍ ଓ ଅର୍ବାନ ପୁଲିସିଂର ଟେଣ୍ଡ୍ରସ ?ଭଳି ପ୍ରସଙ୍ଗ ଉପରେ ଧ୍ୟାନକେନ୍ଦ୍ରିତ କରିବାର ଆବଶ୍ୟକତା ରହିଛି । ଏଥିପାଇଁ ଜିରୋ ଟଲେରାନ୍ସ ନୀତିକୁ କାର୍ଯ୍ୟକାରୀ କରିବା ନିମନ୍ତେ ଜିରୋ ଟଲେରାନ୍ସ ଷ୍ଟ୍ରାଟେଜୀ ଓ ଜିରୋ ଟଲେରାନ୍ସ ଆକ୍ସନ ଦିଗରେ ପଦକ୍ଷେପ ନେବାକୁ ସେ ଆହ୍ୱାନ ଦେଇଛନ୍ତି । ସୂଚନା ଅନୁସାରେ, ସମ୍ମିଳନୀର ଦ୍ୱିତୀୟ ଓ ତୃତୀୟ ଦିନରେ ଦେଶର ଶୀର୍ଷ ପୁଲିସ ନେତୃତ୍ୱଙ୍କ ସହ ଏବେ ଉଭା ହେଉଥିବା ରାଷ୍ଟ୍ରୀୟ ସୁରକ୍ଷା ଚ୍ୟାଲେଞ୍ଜର ମୁକାବିଲା ପାଇଁ ରୂପରେଖ ପ୍ରସ୍ତୁତ କରାଯିବ । ଯେଉଁଥିରେ ନକ୍ସଲ ସମସ୍ୟା, ଉପକୂଳ ସୁରକ୍ଷା, ନାରକୋଟିକ୍ସ, ସାଇବର ଅପରାଧ, ଆର୍ଥିକ ସୁରକ୍ଷା ଭଳି ପ୍ରସଙ୍ଗ ସାମିଲ ରହିଛି । ଏହାସହିତ ୩ଟି ନୂଆ ଅପରାଧ ଆଇନର କାର୍ଯ୍ୟକାରିତାର ସ୍ଥିତି ଓ ପୁଲିସ ସହ ଜଡ଼ିତ ବେଷ୍ଟ ପ୍ରାକ୍ଟିସର ମଧ୍ୟ ସମୀକ୍ଷା କରାଯିବ । ଆଜି ଅପରାହ୍ନରେ ଭୁବନେଶ୍ୱରରେ ପହଂଚିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ଓ ପରଦିନ ଦୁଇଦିନ ଧରି ଏହି ପୁଲିସ ଡିଜି ସମ୍ମିଳନୀରେ ଅଧ୍ୟକ୍ଷତା କରିବେ ବୋଲି ଜଣାପଡ଼ିଛି ।

## ପାଟପୁର ଥାନା ପୁରସ୍କୃତ




ଭୁବନେଶ୍ୱର, ୨୯/୧୧ : କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଆଜି ଗଞ୍ଜାମ ଜିଲ୍ଲାର ପାଟପୁର ଥାନାକୁ ଦେଶର ଦ୍ୱିତୀୟ ଶ୍ରେଷ୍ଠ ଥାନା ଭାବେ ପୁରସ୍କୃତ କରିଛନ୍ତି । ଭୁବନେଶ୍ୱର ଲୋକସେବା ଭବନସ୍ଥିତ କନଭେନସନ୍ ସେଣ୍ଟରରେ ଆରମ୍ଭ ହୋଇଥିବା ଡିଜିଏସପି/ଆଇଜିଏସପି ସମ୍ମିଳନୀ-୨୦୨୪ରେ ଏହି ସମ୍ମାନ ପ୍ରଦାନ କରାଯାଇଛି । ଡିଜିଏସପି/ଆଇଜିଏସପି ସମ୍ମିଳନୀ-୨୦୨୪ରେ ଯୋଗଦେଇ ଡିଜିପି ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି ଯେ ଏହା ଓଡ଼ିଶା ପୁଲିସ ପାଇଁ ଗର୍ବର ମୁହୂର୍ତ୍ତ । ସମଗ୍ର ଦେଶରେ ଥିବା ଥାନାଗୁଡ଼ିକର ମାନ୍ୟତା ଗୃହ ମନ୍ତ୍ରଣାଳୟ ଦ୍ୱାରା ଏକ ବାର୍ଷିକ ଅଭ୍ୟାସ ଅଟେ । ଅପରାଧ ହାର, ତଦନ୍ତ, ମାମଲାର ସମାଧାନ, ସିସିଟିଏନ୍ଏସ୍ ବନ୍ଦ ଓ ବ୍ୟବହାର, ପ୍ରବର୍ତ୍ତନ, ଚିହ୍ନଟ ହାର, ପୁନରୁଦ୍ଧାର ମୂଲ୍ୟ, ଦୋଷୀ ସାବ୍ୟସ୍ତ, ବିବିଧ, ଭିତ୍ତିଭୂମି ଏବଂ ସରକାରୀ ସେବା ଯୋଗାଣ ଭଳି ବିଭିନ୍ନ ମାନଦଣ୍ଡକୁ ଆଧାର କରି ଏହି ରାୟ ଶୁଣାଯାଉଛି । ଡିଜିପି ଗଭୀର ଆଗ୍ରହ ଦେଖାଇ ଥାନାର ଭିତ୍ତିଭୂମି ନିର୍ମାଣ ଓ ଉନ୍ନତିକରଣ ଦିଗରେ ତାଙ୍କର ମୂଲ୍ୟବାନ ମତାମତ ଓ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ଡିଜିପି ଶ୍ରୀ ଖୁରାନିଆ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର, ରାଜ୍ୟ ଓ ଜିଲ୍ଲା ପୋଲିସର ଅଧିକାରୀ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ସବୁଜ ବିଷ ବଳୟରେ କଣ୍ଟାମାଳ ବ୍ଲକ

# ସାଧାରଣ ଲୋକଙ୍କୁ ଗିରଫ ଗଞ୍ଜେଇ ମାଫିଆଙ୍କୁ ମାଫ



କଣ୍ଟାମାଳ : ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ମନମୁଣ୍ଡା, କଣ୍ଟାମାଳ, ଘଣ୍ଟାପଡା ଥାନାଞ୍ଚଳ ହେଉଛି ମାଓ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳ ବରଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜଙ୍ଗଲମାନଙ୍କରେ ବ୍ୟାପକ ଭାବରେ ଗଞ୍ଜେଇ ମାଫିଆ ମାନଙ୍କ ଦ୍ୱାରା ଚାଷ ହେଉଥିବା ଜଣା ପଡ଼ିଛି । ଗଞ୍ଜେଇ ଚାଷରେ ବନ ବିଭାଗ କର୍ମଚାରୀ, ଅବକାରୀ ଓ ପୋଲିସ ବିଭାଗ କର୍ମଚାରୀ ମାନଙ୍କ ସଂପୃକ୍ତି ଥିବା ବେଳେ ସମସ୍ତଙ୍କ ମଧୂ ଚନ୍ଦ୍ରିକାରେ ବେଆଇନ ଭାବେ ଅଞ୍ଚଳର ବିଭିନ୍ନ ଜଙ୍ଗଲରେ ଗଞ୍ଜେଇ ଚାଷ ହେଉଥିବା ଦୃଢ଼ ଅଭିଯୋଗ ହୋଇଛି । ଏ ନେଇ ବରଗାଁ ପଂଚାୟତବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗ ପତ୍ର ବୌଦ୍ଧ ଜିଲ୍ଲାପାଳ, ଏସପି ଓ ଅବକାରୀ ଅଧିକ୍ଷକଙ୍କ ନିକଟକୁ ଡାକ ମାଧ୍ୟମରେ ପଠାଇଥିବା ଜଣାଯାଇଛି । ଅଭିଯୋଗ ଅନୁସାରେ କଣ୍ଟାମାଳ ବ୍ଲକ ବରଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମାତାକୁପା ଓ ପୁଟୁପୁଟି ଗଡ ସଂରକ୍ଷିତ ଜଙ୍ଗଲରେ ଗତ ୧୦ବର୍ଷ ହେବ ବିପୁଳ ପରିମାଣରେ ଗଞ୍ଜେଇ ଚାଷ ହେଉଛି । ଉକ୍ତ ଜଙ୍ଗଲରେ ଥିବା ମୂଲ୍ୟବାନ ଗଛ ଗୁଡ଼ିକୁ କାଟି ସେଥିରେ ବେଆଇନ ଭାବରେ ଗଞ୍ଜେଇ ଚାଷ କରାଯାଉଛି ।ଯାହା ଫଳରେ ଜଙ୍ଗଲ କ୍ଷୟ ହେବା ଯୋଗୁଁ ବନ୍ୟଜନ୍ତୁ ଜଙ୍ଗଲ ଛାଡ଼ି ଗାଁ ମୁହାଁ ହେଉଥିବା ବେଳେ ଶିକାରୀଙ୍କ କବଳରେ ପଡ଼ି ମୃତ୍ୟୁ ବରଣ କରୁଥିବା ଦେଖିବାକୁ ମିଳିଛି । ଗତ ଦୁଇ ବର୍ଷ ପୂର୍ବେ ଘୁଚାଙ୍ଗିରେ ଏକ ଆଖୁ କିଆରୀ ରେ ପଶି ଏକ ଦନ୍ତା ହାତୀର ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିଲା । ଗଞ୍ଜେଇ ଚାଷ ପାଇଁ ବନକର୍ମଚାରୀମାନେ ମାଫିଆଙ୍କୁ ସହଯୋଗ କରୁଥିବା ଏହି ଅଭିଯୋଗ ପତ୍ରରେ ପଞ୍ଚାୟତ ବାସୀ ଉଲ୍ଲେଖ କରିଛନ୍ତି । କୁମେଲବନ୍ଦ । କସୁରବନ୍ଧ ଝୁନୁଙ୍ଗାଡୁଙ୍ଗୁରି ଗ୍ରାମ୍ୟ ଜଙ୍ଗଲ ଓନାଳର ଉଭୟ ପାର୍ଶ୍ୱର୍ରେ,ଡୂମାଳପଖାଳ ର କାନ୍ଥି ଜଙ୍ଗଲ, ପୁଟପୁଟିଗଡ ରିଜର୍ଭ ଜଙ୍ଗଲ ଓ ନାଳରେ ,କାଣିସିମିଳିର ପାଣିଟାଳ, ଝୁନୁଙ୍ଗାଡୁଙ୍ଗୁରି ଓ ନାଳରେ , ଉତୁର୍ଲାର ଖଲିଆକନା, ହାତୀମରା ରିଜର୍ଭ ଜଙ୍ଗଲ ଓ ନାଳରେ, ବୁଢ଼ାଖୋଲର ଡାଙ୍ଗାରାମ ରାସ୍ତାର ନାଳ ପାର୍ଶ୍ୱରେ, ଗ୍ରାମ୍ୟ ଜଙ୍ଗଲ , ଡୁଙ୍ଗୁରିପାଲିର ବରକନା ଓ ରାଇଗଡା ରାସ୍ତା ରିଜର୍ଭ ଜଙ୍ଗଲ ରେ, ମାତାକୁପାର ସାକୁସକନା ସଂରକ୍ଷିତ ଜଙ୍ଗଲ ଓ ନାଳ ଉଭୟ ପାର୍ଶ୍ୱର୍ରେ , ଲେନ୍ଦ୍ରିମାଳର ବଘିଆ କନ ଗ୍ରାମ୍ୟ ଜଙ୍ଗଲ, ପୁଡାପାଟ୍ ପାହାଡ ପାଖରେ, ଭୁଆସୁଣୀ ପାହାଡ଼ ସଂରକ୍ଷିତ ଜଙ୍ଗଲ ଓ ଲବାରକାଣୀ ଗ୍ରାମ୍ୟ ପୋଖରୀ ପାଖରେ ବ୍ୟାପକ ଗଞ୍ଜେଇ ଚାଷ ହେଉଥିବା ଉଲ୍ଲେଖ କରିଛନ୍ତି । ଜେସିବି ଦ୍ୱାରା କୂଅ ଖୋଳି ୫୦୦ରୁ ୧୦୦୦ ମିଟର ଦୁରକୁ ପାଣି ନେଇ ଗଞ୍ଜେଇ ଚାଷ କରା ଯାଉଥିବା ଅଭିଯୋଗ କରିଛନ୍ତି। ଗଞ୍ଜେଇ ଚାଷରେ ଅବକାରୀ, ପୋଲିସ ଓ ବନ ବିଭାଗର କର୍ମଚାରୀଙ୍କ ହାତ ଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହାର ନିରପେକ୍ଷ ତଦନ୍ତ କରିଦୋଷୀ କର୍ମଚାରୀ ମାନଙ୍କ ବିରୁଦ୍ଧରେ ଦୃଢ଼ ଦୃଷ୍ଟାନ୍ତ ମୂଳକ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି । ସୂଚନା ଥାଉ କି ପୂର୍ବରୁ ପଂଚାୟତବାସୀ ବୌଦ୍ଧ ଡ଼ିଏଫଓ ନିକଟରେ ଅଭିଯୋଗ କରିଥିଲେ ମଧ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ଯାଇ ନ ଥିବା ପରିତାପର ବିଷୟ ବୋଲି ପଂଚାୟତବାସୀ କ୍ଷୋଭ ପ୍ରକାଶ କରିଛନ୍ତି ।

## ବ୍ଲକ୍ ସ୍ତରୀୟ ସର୍ଗିଫୁଲ ମହୋତ୍ସବ ଅନୁଷ୍ଠିତ



ଖଜୁରୀପଡା : କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ୍ ଅନ୍ତର୍ଗତ ଦୁତୀ ପଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକ୍ ସ୍ତରୀୟ ସର୍ଗିଫୁଲ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମଟି ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ରାଜେଶ ମୁର୍ମୁ ଙ୍କ ତତ୍ତ୍ୱବଧାନ କରାଯାଇଥିବା ବେଳେ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଜୁରୀପଡା ବ୍ଲକ୍ ଅଧକ୍ଷା ସୁଶ୍ରୀ ଅନିମା କହଁର, ସମ୍ମାନୀତ ଅତିଥି ରୂପେ ତହସିଲଦାର ତଥା ବିଡ଼ିଓ ସୌମ୍ୟରଞ୍ଜନ ପାତ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲ, ସରପଞ୍ଚ ଜାନକୀ ଜାନୀ, ସମିତି ସଭ୍ୟ ଶୁକଦେବ ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବରୁଣ କହଁର ଉପସ୍ଥିତ ଥିଲେ । ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗର ବ୍ଲକର ୧୩ ଗୋଟି ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ଥିଲେ । ଛାତ୍ର ଛାତ୍ରୀଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ,ତର୍କ ବିତର୍କ ଓ କୁଇଜ୍ ପ୍ରତିଯୋଗିତା ହୋଇ ଥିଲା । ଶେଷରେ କୃତ କାର୍ଯ୍ୟ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶ୍ରେଷ୍ଠ ପ୍ରତିଯୋଗୀ ମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ତ୍ରୀପାଠୀ ସଭାପତିତ୍ୱ କରିଥିଲାବେଳେ ଶିକ୍ଷୟିତ୍ରୀ ପଦ୍ମିନୀ ପାଳ ମଞ୍ଚ ପରିଚାଳନା କରିଥିଲେ ।

## ୯ବର୍ଷ ହେଲା କାହା ସ୍ୱାର୍ଥରେ ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଛି ଦେଣ୍ଡୋଗୁଡ଼ା ଅଙ୍ଗନୱାଡ଼ି କେନ୍ଦ୍ର



କେସିଙ୍ଗା : କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଲଇତରା ଗ୍ରାମପଞ୍ଚାୟତର ଦେଣ୍ଡୋଗୁଡା ଗ୍ରାମରେ ଦୀର୍ଘ ୯ବର୍ଷ ହେଲା ଅଙ୍ଗନୱାଡ଼ି କେନ୍ଦ୍ର ଅଧପନ୍ତରିଆ ଭାବରେ ପଡ଼ିରହିଛି ।୨୦୧୫-୧୬ରେ ଏ. ଡବ୍ଲ୍ୟୁ.ସି ଷ୍ଟେ ପ୍ଲାନ୍ ଦ୍ୱାରା ଅଟକଳ ମୂଲ୍ୟ ଟ.୪ଲକ୍ଷ୍ୟ ୫୦ ହଜାର ମଞ୍ଜୁର ହୋଇଥିଲା ଏହିଁ କାର୍ଯ୍ୟକୁ ନିଯେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ମିତ ହେଇଥିଲା କିନ୍ତୁ କଣ ହେଲା କେ ଜାଣେ ଆଜି ପର୍ଯ୍ୟନ୍ତ କାମ ସଂପୂର୍ଣ୍ଣ ହୋଇପାରିନାହିଁ ।ବର୍ତ୍ତମାନ ଅଙ୍ଗନୱାଡ଼ି କେନ୍ଦ୍ରର ଛାତ ପଡ଼ିସାରିଛି କିନ୍ତୁ ପ୍ଲାଷ୍ଟର ହୋଇନି କି କବାଟ ଝରକା ଲାଗିନି ।ଅଙ୍ଗନୱାଡ଼ି କେନ୍ଦ୍ରର ଚାରିପଟେ ଘାସ ଲାଗି ଭୁ କଲାଣି ହେଲେ ଏଥିପ୍ରତି କାହାର ନଜର ନାହିଁ ଗ୍ରାମର ଜଣେ ବ୍ୟକ୍ତି ନିର୍ମାଣ କାର୍ଯ୍ୟ ବୁଝାସୁଝା କରୁ ଥିଲେ ଏ ବାବଦରେ ତାଙ୍କୁ ପଚାରିବାରୁ ସେ କହିଲେ ଏତିକିରେ ସବୁ ପଇସା ସରିଗଲା ଆଉ ପଇସା ନାହିଁ ସେଥିପାଇଁ କାମ ବନ୍ଦ୍ କରାହେଲା ବୋଲି ପ୍ରକାଶ କରିଥିଲେ ।ଦୀର୍ଘ ୯ବର୍ଷ ଅଙ୍ଗନୱାଡ଼ି କେନ୍ଦ୍ର ଶୋଚନୀୟ ଅବସ୍ଥାରେ ପଡ଼ିରହିଛି ହେଲେ କାହାର ନଜର ନାହିଁ ତେଣୁ ଗ୍ରାମବାସୀଙ୍କ ଅଭିଯୋଗ ଅଛି ଯେ ପ୍ରଶାସନ ଏହାକୁ ନଜର ରେ ରଖି ତୁରନ୍ତ ଏହି ଅଙ୍ଗନୱାଡ଼ି କେନ୍ଦ୍ର କାର୍ଯ୍ୟକୁ ସଂପୂର୍ଣ୍ଣ କଲେ ଗ୍ରାମର କୁନି କୁନି ପିଲାମାନଙ୍କ ଉପକୃତ ହେବ ବୋଲି ଆଶା ରଖିଛନ୍ତି।

## ରାୟଗଡ ଜିଲ୍ଲାସ୍ତରୀୟ ଲୋକ ମାହୋତ୍ସବ ଚଇତି -୨୦୨୪ ପ୍ରସ୍ତୁତି ଅନୁଷ୍ଠିତ



ରାୟଗଡ଼ା : ରାୟଗଡ଼ା ଜିଲ୍ଲାସ୍ତରୀୟ ଲୋକମହୋତ୍ସବ ଚଇତି -୨୦୨୪ ପାଳନ ନିମନ୍ତେ ପ୍ରସ୍ତୁତି ଜିଲ୍ଲାସଂସ୍କୃତି ପରିଷଦ ଅଧାକ୍ଷା ତଥା ଜିଲ୍ଲାପାଳ ରାୟଗଡ଼ା ଶ୍ରୀମତୀ ପାରୁଲ ପଟାୱରୀଙ୍କ ଅଧକ୍ଷତକ୍ଷରେ ସ୍ଥାନୀୟ ବିଜୁ ପଟନାୟିକ ଆଡିଟରିୟମ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମାନ୍ୟବର ବିଧାୟକ ରାୟଗଡ଼ା ଶ୍ରୀ ଆପ୍ପଲା ସ୍ୱାମୀ କଡରାକ, ମାନ୍ୟବର ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ଜିଲ୍ଲାପରିଷଦ ଅଧକ୍ଷା ସରସ୍ୱତୀ ମାଝୀ, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଶ୍ରୀ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ ଗୁଣୁପୁର ସୁଶ୍ରୀ କିରଣ ଦୀପ କୌର ସହାତ, ଉପଜିଲ୍ଲାପାଳ ରାୟଗଡ, କଲ୍ୟାଣୀ ସଂଘମିତ୍ରା ଦେବୀ ପ୍ରମୁଖ ଉପସ୍ଥିତିରେ ଆଲୋଚନା କରାଯାଇଥିଲା । ଜିଲ୍ଲାସ୍ତରୀୟ ଚଇତି ଆସନ୍ତା ଡିସେମ୍ବର ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ୨୬ତାରିଖରୁ ୩୦ତାରିଖ ଯାଏଁ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ୫ଦିନ ଧରି ଅନୁଷ୍ଠିତ ହେବ । ଏହା ପୂର୍ବରୁ ସ୍ଥାନୀୟ ପଦ୍ମପୁର ବ୍ଲକ ଅନ୍ତର୍ଗତ ମରିଚଗୁଡ ଅକ୍ଷର ବ୍ରହ୍ମ ମନ୍ଦିରରୁ ମନ୍ଦିର କର୍ତ୍ତୃପକ୍ଷଙ୍କ ସମତିରେ ଆୟୋଜନ କରାଯିବ। ଏହାପରେ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ବ୍ଲକସ୍ତରୀୟ ଚଇତି ଅନୁଷ୍ଠିତ ହେବ । ଚଇତିର ଉପଦେଷ୍ଟା ମଣ୍ଡଳୀ ବୈଠକର ନିଷ୍ପତି ପ୍ରକାରେ ବିଭିନ୍ନ ଉପସମିତି ମାନ ଗଠନ କରାଯାଇଛି। ପ୍ରତ୍ୟେକ ଉପାସମିତିର ଅଧକ୍ଷ ଓ ଉପାଧକ୍ଷ ମାନେ ପୃଥକ ପୃଥକ ଭାବରେ ବୈଠକ ଡାକି ନିଷ୍ପତି ନେବେ ଓ ବଜେଟ ପ୍ରସ୍ତୁତ କରିବେ। ଏହି ବୈଠକରେ ଆୟୋଜନ କମିଟିର ସଦସ୍ୟ ସଦସ୍ୟା,ବୁଦ୍ଧିଜୀବି ସଂସ୍କୃତି ସମ୍ପନ୍ନ ବ୍ୟକ୍ତି, କଳାକାର, ଜିଲ୍ଲାସ୍ତରୀୟ ଅଧିକାରୀ,ଗଣମାଧମ ପ୍ରତନିଧି ଆଦି ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କ୍ଷତିପୂରଣ ଦାବିରେ ଶବ ରଖି ରାସ୍ତା ରୋକ

ଖଡ଼ିଆଳ : ଶବ ରଖି ରାସ୍ତା ରୋକ। କ୍ଷତି ପୂରଣ ଦାବି ରେ ରାସ୍ତାରେ ବସିଲେ ପରିବାର ଲୋକେ। ନୂଆପଡା ଜିଲ୍ଲା ଖଡ଼ିଆଳ ଥାନା ଚିନ୍ଦାଗୁଡ଼ାର ଉମେଶ ମାଝୀ ଗତକାଲି ଠକପାଲି ନିକଟରେ ଅଜଣା ଗାଡ଼ି ଧକ୍କା ରେ ମୃତୁ ବରଣ କରିଥିଲେ। ଆଜି ଦିନ ମଧ୍ୟାହ୍ନରୁ ଶବ ରଖି ଚିନ୍ଦାଗୁଡ଼ା ଠାରେ ଖଡ଼ିଆଳ- ବୋଡ଼େନ ମୁଖ୍ୟ ରାସ୍ତା ଅବରୋଧ କଲେ ପାରିବାର ସମ୍ପର୍କୀୟ ଲୋକେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି ସହ ଉକ୍ତ ପରିବାରକୁ ବିଭିନ୍ନ ସରକାରୀ ଯୋଜନା ରେ ସାମିଲ ଏବଂ ଗାଁରେ ବେଆଇନ ମଦକୋଠି ଉଚ୍ଛେଦ ଦାବି ନେଇ ରାସ୍ତା ରୋକ ହୋଇଛି। ରାସ୍ତା ଅବରୋଧ ଯୋଗୁଁ ଦୁଇ ପଟେ ଗାଡ଼ି ମାନେ ଅଟକି ରହିଛି ଯାତାୟାତ ରେ ଅସୁବିଧା ହୋଇଛି। ଘଟଣା ସ୍ଥଳରେ ଖଡ଼ିଆଳ ପୁଲିସ ସହ ତହାସିଲଦାର, ଅତିରିକ୍ତ ତହସିଲଦାର ପହଞ୍ଚି ଉଉକ୍ତ ଲୋକାଙ୍କୁ ଦୀର୍ଘ ସମୟ ବୁଝାସୁଝା କାରିବା ସହ ରେଡ଼କ୍ରଶରୁ ଦଶହଜାର ଟଙ୍କା ଆର୍ଥିକ ସହାୟତା ସହ ନିର୍ଭର ଯୋଗ୍ୟ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତି ହୋଇଛି।

## ନେଟୱ୍ୱାର୍କ ସମସ୍ୟାକୁ ନେଇ ରାସ୍ତା ଅବରୋଧ



ଫିରିଙ୍ଗିଆ : ନେଟୱ୍ୱାର୍କ ସମସ୍ୟାକୁ ନେଇଁ ମୁଖ୍ୟ ରାସ୍ତାରେ ଟାଇଆର ଜାଳି ରାସ୍ତା ଅବରୋଧ, ତହସିଲଦାରଙ୍କ ଲିଖିତ ପ୍ରତିଶୃତି ପରେ ହଟିଲେ ଆନ୍ଦୋଳନ କାରୀ ଏହି ଭଳି ଦୃଶ୍ୟ ଦେଖିବା ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କାଶିନୀ ପଦର ପଞ୍ଚାୟତ କାଶିନୀପଦରରେ ନେଟୱ୍ୱାର୍କ ସମସ୍ୟାକୁ ନେଇ ଫିରିଙ୍ଗିଆ ଗୋଛାପଡା ମୁଖ୍ୟ ରାସ୍ତାକୁ ଅଞ୍ଚଳ ବାସୀ ଟାଇଆର ଜାଳି ରାସ୍ତା ଅବରୋଧ କରିଥିବା ଦେଖିବାକୁ ମିଳିଛି। ଗୁରୁବାର ସକାଳ ୭ ଟାରୁ କାଶିନୀପଦର ଅଞ୍ଚଳର ଶତାଧିକ ପୁରୁଷ ମହିଳା ରାଜ ରାସ୍ତା ଅବରୋଧ କରିବା ସହ ନେଟୱ୍ୱାର୍କ ଦାବିରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ସକାଳ ୧୦ ଟାରେ ଫିରିଙ୍ଗିଆ ଥାନାର ଅତିରିକ୍ତ ଥାନା ଅଧିକାରୀ ଦୀପକ ରାଉତ ଓ ଟିମ ପହଞ୍ଚି ଆନ୍ଦୋଳନ କାରୀଙ୍କୁ ବୁଝା ସୁଝା କରିଥିଲେ କିନ୍ତୁ କୌଣସି ସମାଧାନ ରାସ୍ତା ବାହାରି ନଥିଲା ପରେ ଘଟଣା ସ୍ଥଳରେ ଫିରିଙ୍ଗିଆ ତହସିଲଦାର ଅନାମିକା ପାଣ୍ଡେ ପହଞ୍ଚି ଲୋକଙ୍କୁ ବୁଝା ସୁଝା କରିଥିଲେ ମଧ ତୁରନ୍ତ ନେଟୱ୍ୱାର୍କ ପାଇଁ ଜିଓ ଟାୱ୍ୱାର ନିର୍ମାଣ କରା ନଗଲେ ଅନିର୍ଦ୍ଧିଷ୍ଟ କାଳ ପାଇଁ ରାସ୍ତା ଅବରୋଧ ଜାରି ରହିବ ବୋଲି ଜିଦ ଧରିଥିଲେ। ଦୀର୍ଘ ୭ ଘଣ୍ଟା କାଳ ରାସ୍ତା ଉପରେ ଶତାଧିକ ମହିଳା ପୁରୁଷ ବସି ରହିଥିବା ବେଳେ ଦିନ ୨ ଟାରେ ବି ଏସ ଏନ ଏଲ କର୍ତୃପକ୍ଷ ଘଟଣା ସ୍ଥଳରେ ପହଞ୍ଚି ଥିଲେ ତେବେ ସୂଚନା ଅନୁସାରେ ଗତ ୫ ବର୍ଷ ହେବ କାଶିନୀପଦର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ବି ଏସ ଏନ ଏଲ ମିନି ଟାୱ୍ୱାର ଲୋକଙ୍କ ସୁବିଧା କୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଥିଲା। ଗତ କିଛି ଦିନ ତଳେ ଏହି ମିନି ଟାୱ୍ୱାରକୁ ସଂଯୋଗ ହୋଇଥିବା ବିଦ୍ୟୁତକୁ ବିଦ୍ୟୁତ ବିଭାଗ ବିଛିନ୍ନ କରିଥିବା ବେଳେ ତାହା ମଧ ସମ୍ପୂର୍ଣ ବନ୍ଦ ହୋଇ ଯାଇଛି ବର୍ତମାନ ପରିସ୍ଥିତି ରେ କାଶିନୀ ପଦର ପଞ୍ଚାୟତ ଅଞ୍ଚଳରେ କୌଣସି ନେଟୱ୍ୱାର୍କ ସୁବିଧା ନଥିବାରୁ ଅଞ୍ଚଳ ବାସୀ ସମସ୍ତ ସୁବିଧାରୁ ବଞ୍ଚିତ ହେଉଥିବା କହିଛନ୍ତି କାଶିନୀପଦର ଅଞ୍ଚଳ ବାସୀ। ଏହି ଘଟଣାରେ ଫିରିଙ୍ଗିଆ ତହସିଲଦାର ଅନାମିକା ପାଣ୍ଡେ ଲୋକଙ୍କୁ ବୁଝା ସୁଝା କରି ୨ ଦିନ ଭିତରେ ବି ଏସ ଏନ ଏଲ ଟାୱ୍ୱାରକୁ ପୁନଃ କାର୍ଯ୍ୟକ୍ଷମ କରିବା ସହ କିଭଳି ତୁରନ୍ତ ଏହି କାଶିନୀପଦରରେ ଜିଓ ଟାୱ୍ୱାର ନିର୍ମାଣ ହୋଇ ପାରିବ ସେ ନେଇଁ ବ୍ୟବସ୍ଥା କରିବାକୁ ଲିଖିତ ପ୍ରତିଶୃତି ଦେବା ପରେ ଆନ୍ଦୋଳନ କାରିମାନେ ରାସ୍ତା ଅବରୋଧରୁ ଓହରି ଥିଲେ । ଦୀର୍ଘ ୭ ରୁ ୮ ଘଣ୍ଟା ରାସ୍ତା ଅବରୋଧ ହୋଇଥିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଜାନ ବାହାନ ଅଟକି ରହିଥିବା ଦ୍ୱାରା ଯାତ୍ରୀ ମାନେ ବହୁ ଅସୁବିଧା ର ସମ୍ମୁଖୀନ ହୋଇଥିଲେ। ଅନ୍ୟ ପଟେ ଏହି ଘଟଣାରେ ତୁରନ୍ତ ଟାୱ୍ୱାର ନିର୍ମାଣ ବ୍ୟବସ୍ଥା ନ କଲେ ପୁଣି ଥରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଅଞ୍ଚଳ ବାସି ଚେତାବନୀ ଦେଇଛନ୍ତି।

## ମୁରିବାହାଲ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର



ମୁରିବାହାଲ : ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି ।ବ୍ଲକ ବିଡ଼ିଓ ବାସନ୍ତୀ ସେଠୀଙ୍କ ସଭାପତିତ୍ୱରେ ତଥା ଓଏଲଏମ ବିପିଏମ ଡ ଗୋପାଳକୃଷ୍ଣ ଦୀପଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ହରିବନ୍ଧୁ ମେହେର ମୁଖ୍ୟ ଅତିଥି, ଜିଲ୍ଲା ପରିଷଦ ଉପାଧକ୍ଷା ମିଥିଳା ମାଝୀ,ବ୍ଲକ ଉପାଧକ୍ଷା ଯାଜ୍ଞସେନୀ ହାତୀ, ଡିଏସଏସଓ ମଦନଜିତ ହୋତା,ମେଡିକାଲ୍ ଇନଚାର୍ଜ ଡ ଥବିର ମେହେର,ସିଡ଼ିପିଓ ପୂର୍ଣ୍ଣିମା ବୈଠାରୁ, ,ସାଂସଦ ପ୍ରତିନିଧି ଶ୍ରୀବସ୍ତ ବେହେରା,ବିଧାୟକ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା ଓ ଜିପିଡିଓ ଗଙ୍ଗାଧର ଛତର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ବିଶେଷଜ୍ଞ ଡାକ୍ତର ରୂପେ ଡ ରଜନୀକାନ୍ତ ମେହେର, ଡ ହେମନ୍ତ କୁମାର ବମିଡି, ଡ ମାନସ ରଞ୍ଜନ ମିଶ୍ର, ଡ ଅବିନାଶ କୁମାର ନାଏକ, ଡ ପ୍ରଣତି ସାହୁ ଯୋଗ ଦେଇ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରିଥିଲେ। ଶିବିରରେ ଶାରୀରିକ ଭିନ୍ନକ୍ଷମ-୨୮୯, ଶ୍ରବଣ ବାଧିତ -୧୩୯, ଦୃଷ୍ଟି ବାଧିତ -୧୦୩,ମାନସିକ ଅନଗ୍ରସର -୯୩,ଅନ୍ୟାନ୍ୟ -୫୬ ଭଳି ମୋଟ ୬୮୦ଜଣ ଭିନ୍ନକ୍ଷମ ଚିହ୍ନଟ ହୋଇ ପଞ୍ଜୀକୃତ ହୋଇଥିଲେ ।ବ୍ଲକ ବିଏସଏସଓ ରିଙ୍କୁ ମେହେରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପିଏ ରାଜକିଶୋର ସିଂ ବାବୁ, ଜୁନିୟର ଆସିଷ୍ଟାଣ୍ଟ ସୌମ୍ୟରଞ୍ଜନ ଦେହୁରୀ, ଏଡିଇଓ, ଏମବିକେ,ସିଆରପିଙ୍କ ସହ ବ୍ଲକ କର୍ମଚାରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ଭୁବନେଶ୍ୱର ରାଜ୍ୟସ୍ତରୀୟ କରାଟେ ଚାମ୍ପିଅନସିପ୍ ପ୍ରତିଯୋଗିତାରେ କରଞ୍ଜିଆ ପ୍ରତିଯୋଗୀଙ୍କ ସଫଳତା ହାସଲ

କରଞ୍ଜିଆ : ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ଠାରେ ଓଲମ୍ପିକ ମାନ୍ୟତା ପ୍ରାପ୍ତ ଓଡିଶା ରାଜ୍ୟ କରାଟେ ଆସୋସିଏସନ ପକ୍ଷରୁ ଆୟୋଜିତ ୩୬ତମ ରାଜ୍ୟସ୍ତରୀୟ କରାଟେ ଚମ୍ପିୟାନସିପ ପ୍ରତିଯୋଗିତାର ମୟୁରଭଞ୍ଜ ଜିଲ୍ଲା କୁ ପ୍ରତିନିଧିତ୍ୱ କରିଥିବା କରଞ୍ଜିଆ ସ୍ପୋର୍ଟସ୍ କରାଟେ ଆକାଡେମୀର ପ୍ରତିଯୋଗି ମାନେ ବିଶେଷ ସଫଳତା ହାସଲ କରିଛନ୍ତି। କରଞ୍ଜିଆ ସ୍ପୋର୍ଟସ୍ କରାଟେ ଆକାଡେମୀ ପ୍ରତିଷ୍ଠାତା ଶ୍ରୀ ଆଶିଷ କୁମାର ମହାନ୍ତ,ପ୍ରଶିକ୍ଷକ ଉମାବତୀ ପାତ୍ର, ମ୍ୟାନେଜର ଶ୍ରୀ ଲୋକନାଥ ମହାନ୍ତ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରଞ୍ଜିଆ ରୁ



ଏକ ୧୯ ଜଣିଆ ଦଳ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଉଚ୍ଚକୋଟୀର ପ୍ରଦର୍ଶନ କରି ବେଶ ପ୍ରଶଂସିତ ହୋଇଥିବା ବେଳେ ମୋଟ ୧୧ଟି ପଦକ ହାସଲ କରି ଜିଲ୍ଲା ତଥା କରଞ୍ଜିଆ ଅଞ୍ଚଳକୁ ଗୈରବାନ୍ୱିତ କରିଛନ୍ତି। କରଞ୍ଜିଆ ର ସମୀକ୍ଷା ପ୍ରିୟା ମହାନ୍ତ କାତା ରେ ବ୍ରୋଞ୍ଜ ଏବଂ କୁମୀତେରେ ସ୍ୱର୍ଣ୍ଣ ପଦକ ଏବଂ ନିତିକ କୁମାର ମହାନ୍ତ ଓ ଅନୁଷ୍କା ପ୍ରିୟା ନାଏକ ଗୋଟିଏ ଗୋଟିଏ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଅନ୍ୟପକ୍ଷରେ ବୈଭବ ମହାନ୍ତ, ଜିଜ୍ଞାସା ପାତ୍ର,ଗୋଲଡେନ ମହାନ୍ତ, ଯ୍ୟୋତୀରାଣୀ ଲୋହାର ପ୍ରମୁଖ କୁମୀତେ ରେ ରୌପ୍ୟ ଏବଂ ସୃତିରେଖା ସୋୟ,ଶୁଭଲକ୍ଷ୍ମୀ ସୋରେନ,ଅଂଶୁମାନ ମହାନ୍ତ ପ୍ରମୁଖ ଗୋଟିଏ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।ତେବେ ଏକାଡେମୀ ର ଶିକ୍ଷାର୍ଥୀ ଙ୍କ ଉକ୍ତ ସଫଳତାରେ ଅଞ୍ଚଳର ଅଭିଭାବକ ଓ କ୍ରିଡାପ୍ରେମୀ ମାନେ ଶୁଭେଚ୍ଛା ଜଣାଇବାସହ ଏକାଡେମୀ ର ବରିଷ୍ଠ ସଦସ୍ୟ ଶ୍ରୀଯୁକ୍ତ ଗିରିଧାରୀ ପୃଷ୍ଟି, ଦୀଲିପ କୁମାର ସାହୁ, ବିଷ୍ଣୁକୁମାର ଅଗ୍ରୱାଲ, ଦିବ୍ୟପ୍ରସାଦ ସାହୁ, ଭୁବନବିହାରୀ ସାହୁ, ବାଞ୍ଛାନିଧି ପୃଷ୍ଟି, କୃପାସିନ୍ଧୁ ମହାନ୍ତ ପ୍ରମୁଖ ସେମାନଙ୍କୁ କଭିନନ୍ଦନ ଜଣାଇବାସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।ତେବେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ତିନିଜଣ ପ୍ରତିଯୋଗି ଯାତୀୟସ୍ତର କୁ ମନୋନୀତ ହୋଇ ଆଗାମୀ ଡିସେମ୍ବର ୧୪ ତାରିଖରେ ଯାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ନିମନ୍ତେ ଦିଲ୍ଲୀ ଗ୍ରସ୍ତ କରିବେ ବୋଲି ଏକାଡେମୀ ପ୍ରତିଷ୍ଠାତା ଆଶିଷ ମହାନ୍ତ ସୂଚନା ଦେଇଛନ୍ତି।

## ନୂଆପଡ଼ା ଜିଲ୍ଲା ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ନବଜାତ ଶିଶୁ ସ୍ଥିରିକରଣ କେନ୍ଦ୍ର ରୂପେ ରାଜ୍ୟରେ ପ୍ରଥମ ନେଇ ପୁରସ୍କୃତ



ଖଡ଼ିଆଳ : ନୂଆପଡ଼ା ଜିଲ୍ଲା ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ନବଜାତ ଶିଶୁ ସ୍ଥିରିକରଣ କେନ୍ଦ୍ର ରୂପେ ରାଜ୍ୟରେ ପ୍ରଥମ ନେଇ ପୁରସ୍କୃତ ହୋଇଅଛି। ନବଜାତ ଶିଶୁ ଜନ୍ମ ଠାରୁ ଏକ ହୃଷ୍ଟ ପୃଷ୍ଟ ଶିଶୁ ରୂପେ ଅନେକ ସଫଳତା ଆଣିଅଛି। ତେଣୁ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ରାଜ୍ୟରେ ପ୍ରଥମ ହୋଇଅଛି। ଆଜି ଭୁବନେଶ୍ୱର ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରେ ସମ୍ମାନ ପ୍ରଦାନ କରି କାର୍ଯ୍ୟ ଦକ୍ଷତା କୁ ନେଇ ପ୍ରଶଂସା କରିଛନ୍ତି। ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ରଂଜିତ ରାଉତ ଏବଂ ଷ୍ଟାଫ୍ ନର୍ସ ଭୁବନେଶ୍ୱର ଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ଜିଲ୍ଲା ରେ ଶିଶୁ ସୁରକ୍ଷା ଏବଂ ନବଜାତ ଶିଶୁ ଯତ୍ନ ରେ ଅନେକ ସଫଳତା ହାସଲ କରିଛନ୍ତି। ଅନ୍ୟ କୁ ଏହା ପ୍ରେରଣା ଦେବା ବୋଲି ପ୍ରକାଶ କରିଛନ୍ତି।

## ଲାଉମୁଣ୍ଡା ଅଞ୍ଚଳରେ ମିଳିତ କାର୍ଯ୍ୟକାରୀ ସ୍କ୍ୱାର୍ଡର ଚଢାଉ



ବରଗଡ : ଆଜି ବିଜେପୁର ବ୍ଲକର ଲାଉମୁଣ୍ଡା ଅଞ୍ଚଳରେ ବରଗଡ ଜିଲ୍ଲା। ସ୍ୱାସ୍ଥ୍ୟ ବିଭାଗ, ପୋଲିସ ବିଭାଗ ଏବଂ ଅବକାରୀ ବିଭାଗ ପକ୍ଷରୁ ଏକ ମିଳିତ କାର୍ଯ୍ୟକାରୀ ସ୍କ୍ୱାର୍ଡ ଗଠିତ ହୋଇ ଉଡଂଞ୍ଚଇ ନିୟମ ଭଙ୍ଗକରି ସର୍ବସାଧାରଣ ସ୍ଥାନମାନଙ୍କରେ ତମାଖୁ ଉତ୍ପାଦ ବିକ୍ରି କରୁଥିବା ୮ ଜଣ ନିୟମ ଖିଲାପକାରୀଙ୍କ ଠାରୁ ସମୁଦାୟ ଟ.୨୭୦୦/ ଟଙ୍କା ଜୋରିମାନା ସଂଗ୍ରହ କରାଯିବା ସହ ଜନସାଧରଣଙ୍କୁ ଖାଦ୍ୟରେ ରଂଗ ବ୍ୟବହାର ନ କରିବା, ଖବରକାଗଜ ରେ ଖାଦ୍ୟ ସାମଗ୍ରୀ ନ ଦେବା ଏବଂ ତମାଖୁ ବ୍ୟବହାରର କ୍ଷତି ବିଷୟରେ ସଚେତନ କରାଗଲା । ଉକ୍ତ ମିଳିତ କାର୍ଯ୍ୟକାରୀ ସ୍କ୍ୱାର୍ଡରେ ସ୍ୱାସ୍ଥ୍ୟ ବିଭାଗରୁ ଜିଲ୍ଲା ଭେଷଜ ନିରୀକ୍ଷକ ସୁନିତା ନାଗ, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଶ୍ରୀ ପରମେଶ୍ୱର ନାଏକ, ଜିଲ୍ଲା ପରାମର୍ଶଦାତା ଶ୍ରୀ ସୀତେଶ ତ୍ରୀପାଠୀ, ଅବକାରୀ ବିଭାଗରୁ ଏ.ଏସ.ଆଇ. ଯତୀନ ଦୀପ, ଇ/ସି ପ୍ରଶାନ୍ତ ବାଗ ଏବଂ ପୋଲିସ ବିଭାଗରୁ ଏ.ଏସ.ଆଇ ଭଗତ ବେହେରା ଓ କନଷ୍ଟେବଲ ବୀରେନ୍ଦ୍ର ପୋଢ଼ ଉପସ୍ଥିତଥିଲେ ।

# ପାଞ୍ଚ ହଜାର ଶିଶୁଙ୍କ ପାଇଁ ୨୩୯ କ୍ରେଚ କେନ୍ଦ୍ର ଉଦଘାଟିତ



ବାରିପଦା ୨୯/୧୧ (ନି.ପ୍ର): ଓଡିଶା ସରକାରଙ୍କ ଓ୍ୟାଡିସି କାର୍ଯ୍ୟକ୍ରମ ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲାରେ ସାରସକଣା, ବିଶୋଇ, ବିଜାତଳା, ବହଳଦା, ତିରିଂ, ରାଇରଙ୍ଗପୁର, ଜାମଦା, କୁସୁମୀ ଆଦି ଆଠ ଗୋଟି ବ୍ଲକରେ ୨୩୯ ଗୋଟି ପୁଷ୍ଟି ବାଧିତ ଚିହ୍ନଟ ଗ୍ରାମରେ ୫ହଜାରରୁ ଉର୍ଦ୍ଧ ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ପାଇଁ କ୍ରେଚ କେନ୍ଦ୍ର ଆର.ଡି.ଏ.ସି. ସଂସ୍ଥା ମାଧ୍ୟମରେ ଚାଲୁଅଛି । ରାଇରଙ୍ଗପୁର ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତା ମୟୀ ବିଶ୍ୱାଳ, ଡି.ପି.ଏମ. ମନୋରଥ ଜଗନ୍ନାଥ ଙ୍କ ସମେତ ଜିଲ୍ଲାର ପ୍ରମୁଖ ପ୍ରଶାସନିକ ଅଧିକାରୀ ୮ଗୋଟି ବ୍ଲକର ବି.ଡି.ଓ, ସି.ଡି.ପି.ଓ , ବ୍ଲକ ଚେୟାରମ୍ୟାନ, ପଞ୍ଚାୟତିରାଜ ପ୍ରତିନିଧି, ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ତଥା ଗ୍ରାମର ମାନ୍ୟଗନ୍ୟ ବରିଷ୍ଠ ନାଗରିକ ଓ ଶିକ୍ଷାବୀତ ମାନେ ଏହି କ୍ରେଚ କେନ୍ଦ୍ର ଗୁଡିକର ଉଦ୍ଘାଟନ କରିଛନ୍ତି. ସମାଜର ସବୁ ସ୍ତର ଲାଭାର୍ଥୀଙ୍କର ସହଯୋଗ ଓ ଯୋଗଦାନକୁ ପ୍ରାଧାନ୍ୟ ଦିଆଯାଇ ପ୍ରତି କ୍ରେଚ କେନ୍ଦ୍ରରେ ୨ ଜଣ ମହିଳା କ୍ରେଚ କର୍ମୀ ନିଯୁକ୍ତି ପାଇଥିବା ସ୍ଥଳେ ଗ୍ରାମର ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ଗ୍ରାମର ମହିଳା ସ୍ୱୟଂ ସହାୟିକା ନେତ୍ରୀ ଓ ଗ୍ରାମ ଓ୍ୱାର୍ଡମେମ୍ବର କ୍ରେଚ କେନ୍ଦ୍ରର ପରିଚାଳନା ଓ କାର୍ଯ୍ୟକ୍ରମର ତଦାରଖ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଜଣାଯାଇଛି. ଏହି କ୍ରେଚ କେନ୍ଦ୍ର ଗୁଡିକ ସକାଳେ ୮ ରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଛୁଟି ଦିନ ବ୍ୟତୀତ ଖୋଲା ରହିବ । କର୍ମଜିବୀ ମହିଳା ତାଙ୍କର ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ କ୍ରେଚ କର୍ମୀଙ୍କର ଦାୟିତ୍ୱରେ ହସ୍ତାନ୍ତର କରିଯିବେ ଓ କାମରୁ ଫେରିଲା ପରେ କେନ୍ଦ୍ରରୁ ଶିଶୁଟିକୁ ଘରକୁ ନେଇଯିବେ । କ୍ରେଚ କେନ୍ଦ୍ରରେ ଶିଶୁଟି ଖାଦ୍ୟ, ମନୋରଞ୍ଜନ, ଖେଳ, ଔଷଧ ସେବନ ଓ ନିରାପଦ ପରିବେଶରେ ରହିବାର ବ୍ୟବସ୍ଥା ହୋଇଅଛି । ଯୋଜନା ଅନୁଯାୟୀ କ୍ରେଚ କେନ୍ଦ୍ର ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଓ ଆବଶ୍ୟକ ପ୍ରତିଷେଧକ ଟୀକା ଆଦି ପାଇବେ । ଶିଶୁର ବୃଦ୍ଧି ରେକର୍ଡର ସମସ୍ତ ବିବରଣୀ କ୍ରେଚ କେନ୍ଦ୍ରରେ ଉପଲବ୍ଧ ହେବ ବୋଲି ଜଣାଯାଇଛି । ପ୍ରକାଶ ଥାଉକି, ସାରସକଣା ବ୍ଲକ ଅଧିନସ୍ଥ ଭରଶାଣୀ ନୂଆଗାଁ ଗ୍ରାମର କ୍ରେଚ କେନ୍ଦ୍ରକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ପୋଷ୍ୟ କ୍ରେଚ କେନ୍ଦ୍ର ରୂପେ ଗ୍ରହଣ କରିଛନ୍ତି । ଯାହାକି ଅନ୍ୟ କେନ୍ଦ୍ର ଗୁଡିକ ପାଇଁ ଉଦାହରଣ ସୃଷ୍ଟି କରିଛି । ଏହି ଉଦ୍ଘାଟନ ଉତ୍ସବରେ ଆର.ଡ଼ି.ଏ.ସି ପ୍ରକଳ୍ପ ନିର୍ଦ୍ଦେଶକ ସାଧନ ଦାଶ ଓ ଗୁଣନିଧି ଧାରୁଆ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନେ ଅନୁଷ୍ଠିତ ହୋଇଥିବା ବେଳେ, ୮ଟି ବ୍ଲକର କ୍ଲଷ୍ଟର ମ୍ୟାନେଜର, ସୁପର ଭାଇଜର, କ୍ରେଚ ସ୍ୱେଚ୍ଛାସେବୀ ମାନେ କ୍ରେଚ କେନ୍ଦ୍ର ମାନଙ୍କର ଉଦ୍ଘାଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## କେନ୍ଦ୍ରାପଡା ଝିଅ ଦୀଲ୍ଲିରେ ରାଷ୍ଟ୍ରାପତି ଏବଂ ପ୍ରଧାନ ମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ



କେନ୍ଦ୍ରାପଡା, ୨୯/୧୧ (ନି.ପ୍ର): ଗତ ୨୨ ତାରିଖରେ ଦିଲ୍ଲୀର ଜବାହାର ଲାଲ ନେହୁର ଷ୍ଟାଡିୟମରେ ଦୀର୍ଘ ୩ ଦିନଧରି ଅନୁଷ୍ଠିତ ହୋଇଥିବା ଓଡିଶା ପର୍ବରେ ଲିଜା କ୍ଲାଉଡ୍ କିଚେନ ନାମରେ ପୀଠା ଓ ମିଠା ଷ୍ଟଲ୍ ଖୋଲି ଦିଲ୍ଲୀରେ ଖୁବ୍ ଚର୍ଚ୍ଚାକୁ ଆସିଥିବା କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ନିକିରାଇ ଗ୍ରାମର ପିତା – ରାଧାରମଣ ସିଂ ଓ ମାତା – ଅଳକା ସିଂ ଏବଂ ସଦର ଥାନା ଅନ୍ତର୍ଗତ ମାହାରାକୂଳ ଗ୍ରାମର ଗୁରୁଚରଣ ଧଳଙ୍କ ପତ୍ନୀ ଦିଲ୍ଲୀରେ ରହୁଥିବା ଓଡିଶା ମାଟିର ଝିଅ ସର୍ବଦାତ୍ରୀ ସିଂଙ୍କୁ ତାଙ୍କ ଷ୍ଟଲ୍ ନିକଟକୁ ଆମ ଦେଶର ମହା ମହିମ ରାଷ୍ଟ୍ରପତି ଶ୍ରୀମତୀ ଦୌପଦୀ ମୁର୍ମୁ , ମନ୍ୟବର ପ୍ରଧାନ ମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ ସମେତ ଓଡିଶାର ମାନ୍ୟବର ମୂଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୂଖଙ୍କ ସମେତ ଅନ୍ୟାନ୍ୟ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ବିଶେଷ ତାଙ୍କ ଷ୍ଟଲ ନିକଟକୁ ଯାଇ ବୁଲି ଦେଖିବା ସଂଗେ ସଂଗେ ତାଙ୍କୁ ଭେଟି ତାଙ୍କ ହାତ ତିଆରି ବିଭିନ୍ନ ପୀଠା, ପଣା ସହିତ ଅନ୍ୟାନ୍ୟ ବହୁ ପ୍ରକାରର ଖାଦ୍ୟ ସାମଗ୍ରୀ ଖାଇ ତାଙ୍କୁ ଅଜଶ୍ର ପ୍ରଶଂସା କରିବା ସହିତ ଓଡିଶା ପର୍ବ ଉଦଯାପନୀ ମନ୍ଚରେ ମଧ ତାଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱତନ୍ତ୍ର ଭାବେ ଓଡିଶା ବେଷ୍ଟ ଆୱାର୍ଡ ବା ସମ୍ମାନରେ ସମ୍ମାନୀତ କରିଥିବା ସର୍ବଦାତ୍ରୀ ସିଂ ନିଜେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି । ଆହୁରି ମଧ ସେ କହିଛନ୍ତି ଯେ – ତାଙ୍କ ଷ୍ଟଲରୁ ପ୍ରତିଦିନ ପ୍ରଧାନ ମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଘରକୁ ଖାଦ୍ୟ ସେମାନଙ୍କ ଖାଇବା ନିମନ୍ତେ ଏକ ଗାଡିରେ କଡା ନୀରାପତା ବଳୟ ମଧରେ ପଠା ଯାଉଥିଲା ।

## ଜଳେଶ୍ୱରରେ ନିର୍ମାଣ ହେବ, ବିଜୁ ସ୍ମୃତି ସଦନ:-ଖୁବ୍ ଶୀଘ୍ର ଟେଣ୍ଡର ଆହ୍ୱାନ

ଜଳେଶ୍ୱର,୨୯/୧୧ (ନି.ପ୍ର): ଜଳେଶ୍ୱର ସହର ରାଜ୍ୟର ଉ ର ଉପାନ୍ତରେ ଥିବାରୁ ଏଠାରେ ବାଲେଶ୍ୱର ବ୍ରିଟ ପକ୍ଷରୁ ବିଜୁ ସ୍ମୃତି ସଦନ ନିର୍ମାଣ ଲାଗି ପ୍ରଚେଷ୍ଟା ହେଉଥିଲା। ଏଥିଲାଗି ଅତୀତର ବାଲେଶ୍ୱର ଜିଲ୍ଲାପାଳ ୧କୋଟି ଟଙ୍କା ବ୍ରିଟ ପକ୍ଷରୁ ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ ଙ୍କ ଅନୁମୋଦନରେ ଟେଣ୍ଡର ପ୍ରକ୍ରୀୟା ମଧ ଆରମ୍ଭ ହୋଇଥିଲା । ଏ ସଂପର୍କରେ ପୌରପରିଷଦ ପକ୍ଷରୁ ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗକୁ ଆବଶ୍ୟକ ଅର୍ଥ ଯୋଗାଇ ଦେବାକୁ ନିବେଦନ କରାଯାଇଥିଲା । ଚଳିତ ବିଧାନସଭାର ଗତ ୨୬ତାରିଖରେ ବିଧାୟକ ଅଶ୍ୱନୀ ପାତ୍ରଙ୍କ ପ୍ରଶ୍ନ ଉତ୍ତର ରେ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଜିଲ୍ଲାପାଳ ଦେଇଥିବା ୧ କୋଟି ଟଙ୍କା ଓ ରାଜ୍ୟ ସରକାରଙ୍କୁ ସଂସ୍କୃତି ବିଭାଗର ୧କୋଟି ୩ଲକ୍ଷ ୫ହକାର ଟଙ୍କା ପ୍ରଦାନ କରାଯାଇଛି । ମୋଟ ୨କୋଟି ୩ଲକ୍ଷ ୫ହଜାର ବ୍ୟୟରେ ବିଜୁ ସ୍ମୃତି ସଦନ ଜଳେଶ୍ୱରରେ ନିର୍ମାଣ ଲାଗି ଜଳେଶ୍ୱର ତହସିଲ ସମ୍ମୁଖରେ ସରକାରଙ୍କ ପକ୍ଷରୁ ୧୩ ଡିସିମିଲ ସ୍ଥାନ ମିଳିଥିବା ସଂପର୍କରେ ପୌରପାଳ ପ୍ରତୀପ କୁମାର ପ୍ରଧାନ ମଧ ସୂଚନା ଦେଇଛନ୍ତି । ଫଳରେ ଅତିଶୀଘ୍ର ଟେଣ୍ଡ ଆହ୍ୱାନ ହେବ ବୋଲି ଜଣାଯାଇଛି ।

# ଡାବୁଗାଁରେ ବ୍ଲକ ସ୍ତରୀୟ ଲୋକ ମହୋତ୍ସବ "ମଣ୍ଡେଇ" ପାଳିତ



ନବରଙ୍ଗପୁର:୨୯/୧୧ (ନି.ପ୍ର): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ବାବା ଭୈରବ ମନ୍ଦିର ନିକଟ ପଡିଆରେ ବ୍ଲକ ସ୍ତରୀୟ ଲୋକ ମହୋତ୍ସବ ଗୁରୁବାର ପାଳିତ ହୋଇଯାଇଛି । ପୂର୍ବାହ୍ନ ୧୧ ଘ. ରେ ଡାବୁଗାଁ ଦୁଲ୍ଲାରଦେଇ ମନ୍ଦିରରେ ମୁଖ୍ୟ ଅତିଥି ଡାବୁଗାଁ ବିଧାୟକ ଆସିବା ପରେ ପୂଜାର୍ଚ୍ଚନା ହୋଇ ମଶାଲକୁ ବାଦ୍ୟ ବଜାଇ, ବାଣ ଫୁଟାଇ ଓ ବିଭିନ୍ନ ନୃତ୍ୟ ଦଳ ନୃତ୍ୟ କରି ଏକ ବିରାଟ ଶୋଭାଯାତ୍ରାରେ ଆସି ମଣ୍ଡେଇ ମଞ୍ଚରେ ସ୍ଥାପିତ କରାଯାଇଥିଲା । ପରେ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ବିଭିନ୍ନ ବିଭଗର ଷ୍ଟଲକୁ ଉଦଘାଟନ କରିଥିଲେ । ପରେ ବ୍ଲକ ଅଧକ୍ଷା ବୀଣା ମାଝି ଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ଲୋକପ୍ରିୟ ବିଧାୟକ ମନୋହର ରନ୍ଧାରୀ, ସମ୍ମାନୀତ ଅତିଥି ଭାବେ ଜିଲ୍ଲାପରିଷଦ ଅଧକ୍ଷ ମୋତିରାମ ନାୟକ, ସମ୍ମାନୀତ ଅତିଥି ଭାବେ ବ୍ଲକ ଉପାଧକ୍ଷ ସଦାନନ୍ଦ ନାୟକ, ଜିଲ୍ଲାପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଗୁପ୍ତ ବିଶୋଇ, ବିଡିଓ ଶରତ ମାଝୀ, ତହସିଲଦାର ହରିଓମ ଭୋଇ, ନବରଙ୍ଗପୁର ବିଡିଓ ସୁନୀଲ ଖରା, ନନ୍ଦହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ତେନ୍ତୁଳିଖୁଣ୍ଟି ବିଡିଓ ନିରୋଜ କୁମାର ପାଣିଗ୍ରାହୀ, ପାପଡାହାଣ୍ଡି ବିଡିଓ କପିଳଦେବ ସାହୁ, ଉମରକୋଟ ପୌରପାଳିକା ଅଧକ୍ଷା ରାଧା ଭତ୍ରା, ରାଜ୍ୟସଭା ସାଂସଦ ଙ୍କ ପ୍ରତିନିଧି ରାମାରାଓ ଚୌଧୁରୀ, ସାଂସଦ ପ୍ରତିନିଧି ଜେ. ରାଜଶେଖର ରାଓ,ସୋମନାଥ ପୂଜାରୀ ,ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଏମ. ଆପ୍ପା ରାଓ, ଜି. ସାଇ ରାଜୁ, ସୁରେନ୍ଦ୍ର କୁମାର ମିଶ୍ର,ଏବିଡିଓ ପଦ୍ମନାଭ ତ୍ରିପାଠୀ, ବିଭିନ୍ନ ବ୍ଲକର ଅଧକ୍ଷା ଅଧକ୍ଷ, ଡାବୁଗାଁ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ମାନେ,ବିଜେଡି, ବିଜେପି ଓ କଂଗ୍ରେସ କର୍ମୀ ମଞ୍ଚାସୀନ ଥିଲେ । ଏଥିରେ ଉପସ୍ଥିତ ଅତିଥି ମାନେ ଆମ ସଂସ୍କୃତି, ଐତିହ୍ୟକୁ ବଜାୟ ରଖିଛି ଏହି ମଣ୍ଡେଇ । ଏହା ଏବେ ଜାତୀୟ ସ୍ତରରେ ନାମ କରିଛି । ନାଚ, ଗୀତ, ଖେଳ ଆଦି ପ୍ରତିଭା ସହ ଅଞ୍ଚଳର ଲୋକଙ୍କ ବିକାଶ କରିବା ମଣ୍ଡେଇର ଲକ୍ଷ୍ୟ ବୋଲି ଅତିଥି ମାନେ କହିଥିଲେ । ସଂସ୍କୃତିକ କାର୍ଯ୍ୟକ୍ରମରେ କୁସୁମବନ୍ଧ ଗ୍ରାମର ଗୁରୁ କାର୍ତ୍ତିକ ଭତ୍ରଷ ଙ୍କ ସଂଗ୍ରାମୀ ସୋନୁ ମାଝୀ ଢେମସା ନୃତ୍ୟ ବେଶସୁନ୍ଦର ହୋଇଥିବାବେଳେ ବିଭିନ୍ନ ବିଦ୍ୟାଳୟର ନୃତ୍ୟ ଓ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା । ଡାବୁଗାଁ ବ୍ଲକ କୁସୁମବନ୍ଧ ଗ୍ରାମର କାର୍ତ୍ତିକ ଭତ୍ରଷ ଜିଲ୍ଲା କଳା ଓ ସଂସ୍କୃତି ସଂଘ ର ଉପ ସଭାପତି ଥିବା ବେଳେ ମଞ୍ଚ ଉପରକୁ ଡାକିବାକୁ ଭୁଲି ଯାଇଥିବାରୁ କଳାକାର ମାନଙ୍କ ମନରେ ଅସନ୍ତୋ। ସହ କ୍ଷୋଭ ପ୍ରକାଶ ପାଇଥିଲା। ପରେ ମଞ୍ଚ କୁ ଡକାଯାଇଥିଲା, କିନ୍ତୁ ସେ ମଞ୍ଚକୁ ନ ଯାଇ ତାଙ୍କ ଦଳ ସହ ଢେମସା ନୃତ୍ୟ ପ୍ରଦର୍ଶନ କରିଥିଲେ ।ଏଥିରେ ଭଉଣୀ ଶୁଭଶ୍ରୀ ଗନ୍ତାୟତ ଓ ଶିକ୍ଷକ ଗୁପ୍ତେପ୍ରସାଦ ନାଗ ବେଶ ସୁନ୍ଦର ଭାବେ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ନୃତ୍ୟ ଦଳ ଗୁଡିକୁ ପୁରସ୍କୃତ କରାଯାଇଥିଲା । ଏଥିରେ ବ୍ଲକ କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ମାନେ ସହଯୋଗ କରିଥିଲେ ଓ ଏହି ଦିବସ ଖୁସିରେ ବିଡିଓ, ତହସିଲଦାର ଓ ବ୍ଲକ କର୍ମଚାରୀମାନେ ମନ ଖୁସିରେ ନାଚି ମଞ୍ଚ ଦୁଲୁକାଇ ଦେଇଥିଲେ।

## ବିଧାନସଭାରେ ଜଳେଶ୍ୱର ସହରରେ ମେଗା ପାନୀୟ ଜଳ ମେଗା ପ୍ରକଳ୍ପ ପ୍ରସଙ୍ଗ

# ସୁବର୍ଣ୍ଣରେଖାର ପାଣି ହେବ ବିଶୋଧନ : ୨ ପ୍ରକଳ୍ପ ଲାଗି ଖର୍ଚ୍ଚ ହେବ ୩୪କୋଟି ଟଙ୍କା

ଜଳେଶ୍ୱର ୨୯/୧୧ (ନି.ପ୍ର): ଜଳେଶ୍ୱର ପୌରାଞ୍ଚଳ ବାସୀଙ୍କୁ ବିଶୁଦ୍ଧ ପିଇବାପାଣି ଯୋଗାଇ ଦେବାଲାଗି ଓଡିଶା ବିଧାନ ସଭାରେ ଗତ ସୋମବାର ପ୍ରଶ୍ନର ଉତ୍ତର କାର୍ଯ୍ୟକ୍ରମରେ ଆଲୋଚନା ହୋଇଛି । ପ୍ରସ୍ତାବିତ ମେଗା ପ୍ରକଳ୍ପ ଲାଗି ସୁବର୍ଣ୍ଣରେଖା ନଦୀର ପାଣିକୁ ବିଶୋଧନ କରି ସହରବାସୀଙ୍କ ଯୋଗାଇବାଲାଗି ମୋଟ ୩୪ କୋଟି ଟଙ୍କା ଖର୍ଚ୍ଚ ହେବବୋଲି ବିଧାୟକ ଅଶ୍ୱନୀ ପାତ୍ରଙ୍କ ପ୍ରଶ୍ନରେ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରକାଶ କରିଛନ୍ତି । ଜଳେଶ୍ୱର ସହରକୁ ବିଶୁଦ୍ଧ ପିଇବାପାଣି ଯୋଗାଇ ଦେବାଲାଗି ୧ବର୍ଷ ତଳେ ପୌରପରିଷଦ ପକ୍ଷରୁ ଏକ ମେଗା ପ୍ରକଳ୍ପ ଲାଗି ସର୍ବସମ୍ମତ ପ୍ରସ୍ତାବ ଗୃହିତ ହୋଇ ବିଭାଗୀୟ କର୍ମଚାରୀମା ଙ୍କୁ ଦୃଷ୍ଟି ଗୋଚର କରାଯାଇଥିଲା । ଫଳରେ ଏହାର ଡିପିଆର୍ ଗତ ୧୩-୬-୨୪ରିଖରେ ହୋଇ ସରକାରଙ୍କୁ ହସ୍ତାନ୍ତର ହୋଇଥିବା ବେଳେ ଭୁବନେଶ୍ୱରର ଚନ୍ଦ୍ରଶେଖର ପୁର ଠାରେ ଥିବା ଏମ୍‌ଏସ୍ କନଷ୍ଟ୍ରାକସନ କମ୍ପାନୀ ଏହା ପ୍ରସ୍ତୁତ କରିଛନ୍ତି । ପ୍ରଥମ ପ୍ରକଳ୍ପ ୨୪କୋଟି ୬୪ ଲକ୍ଷ ୩୭ ହଜାର ଟଙ୍କା ବ୍ୟୟରେ ନଦୀରୁ ପାଣି ଉେ ।ଳନ କରି ଶାନ୍ତିଆ ସ୍ଥିତ ଦିଘୀ ଠାରେ ହେବାକୁସ ଥିବା ବିଶୋଧନା ଗାରକୁ ପ୍ରେରଣ କରିବାର ବ୍ୟବସ୍ଥା ହୋଇଛି । ରାଜ୍ୟ ସରକାରଙ୍କ ସହରାଞ୍ଚଳ ଗୃହ ନିର୍ମାଣ ବିଭାଗର ଚିଠି ନଂ ୧୯୬୨୧ ତା ୨୬-୯-୨୪ରେ ପାରିତ ହୋଇଥିବା ମନ୍ତ୍ରୀ କହିଛନ୍ତି । ସେହିପରି ଶାନ୍ତିଆ ଦିଘୀଠାରେ ବିଶୁଦ୍ଧ ପାଣି ପ୍ରସ୍ତୁତ ଓ ପ୍ରେରଣ ଲାଗି ମୋଟ ୯ କୋଟି ୩୪ଲକ୍ଷ ୬୭ ହଜାର ଟଙ୍କା ବ୍ୟୟ ହେବା ସଂପର୍କରେ ବିଭାଗୀୟ ଚିଠି ନଂ ୧୯୬୦୪ ତା ୨୬-୯-୨୪ରେ ପ୍ରେରଣ ହୋଇଥିବା ମନ୍ତ୍ରୀ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି । ଏଥିଲାଗି ଓଭାର ହେଡ ଟାଙ୍କି ମାତ୍ର ଗୋଟିଏ ଥିବା ବେଳେ ଅନ୍ୟ ୫ଟି ନିର୍ମାଣ ହେବା ସଂପର୍କରେ ବିଭାଗ ପକ୍ଷରୁ କୁହାଯାଇଛି । ସେହିପରି ୨.୫ କି.ମି.ର ପାଇପ୍ ବିଛାଯିବା ସଂପର୍କରେ ଜଣାଯିବା ସହିତ ଏବେ ୩ ଏକର ଜାଗା ଏଥିଲାଗି ନିଆଯାଇଥିବା ପୌରପାଳ ପ୍ରତୀପ ପ୍ରଧାନ ବିଭିନ୍ନ ପ୍ରଶ୍ନର ଉତ୍ତର ରେ ସାମ୍ବାଦିକ ମାନଙ୍କୁ କହିଛନ୍ତି । ଏହି ପ୍ରକଳ୍ପ ଲାଗି ବିଧାୟକ ଅଶ୍ୱନୀ ପାତ୍ର ବିଭାଗୀୟ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର, ଏବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରେ କୃତଜ୍ଞତା ଜଣାଇଛନ୍ତି । ଏହା ପ୍ରତିଷ୍ଠା ହୋଇପାରିଲେ ପୌର ପରିଷଦର ୧୭ଟି ଓ୍ୱାଡର ସମସ୍ତ ବ୍ୟକ୍ତିଙ୍କୁ ପିଇବାପାଣି ଆଗାମି କିଛି ବର୍ଷ ଲାଗି ଯୋଗାଇ ଦିଆଯାଇ ପାରିବା ସଂପର୍କରେ କହିଛନ୍ତି ।

## ଆଇସିଆରଆଇଏସଏଟି ସଂସ୍ଥା ପକ୍ଷରୁ ଚାଷୀଙ୍କୁ ଚଣା ବଣ୍ଟନ



ନବରଙ୍ଗପୁର ୨୯/୧୧ (ନି.ପ୍ର):-ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ବଣୁଆଗୁଡା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଆଜି ଆଇସିଆରଆଇଏସଏଟି (ଇକ୍ରିସେଟ )ଏନଜିଓ ପକ୍ଷରୁ ଚାଷୀମାନଙ୍କୁ ନାକଚଣା ବଣ୍ଟନ କରାଯାଇଛି ।ଏହି ଚଣାବଣ୍ଟନ କାର୍ଯ୍ୟକ୍ରମରେ ଝରୀଗାଁ ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ବ୍ଲକ କୃଷି ଅଧିକାରୀ ଗଜାନନ ସାହୁ, ସମାଜସେବୀ ପ୍ରଫୁଲ୍ଲ ପ୍ରଧାନ ଗଣପତି ସାହୁ,୧ନଂ ଜୋନ ଜିଲ୍ଲା ପରିଷଦ ଯମୁନା ଗଣ୍ଡ, ବଣୁଆଗୁଡା ସରପଞ୍ଚ ଲକ୍ଷ୍ମୀ ପୂଜାରୀ ଏକ୍ରିକେଟ ସଂସ୍ଥାର ବ୍ଲକ କୋଅଡିନେଟର ଶମ୍ଭୁ ହରିଜନ, ଏଓ ସଂଗୀତା ସାମଲ ପ୍ରମୁଖ ଉପସ୍ଥିତ ରହିଥିଲେ ।ଏନଜିଓ ପକ୍ଷରୁ ବ୍ଲକରେ ୨୫୦୦ ହେକ୍ଟର ଜମି ପାଇଁ ନାକଚଣା ଓ ୨୦୦ ହେକ୍ଟର ଜମି ପାଇଁ ମୁଗ ବାଣ୍ଟିବା ନେଇ ଧାର୍ଯ୍ୟ କରାଯାଇଥିବା ବେଳେ ଆଜି ବଣୁଆଗୁଡା ପଞ୍ଚାୟତର ଚାଷୀଙ୍କୁ ୧୨୦ହେକ୍ଟର ଜମି ପାଇଁ ୭୨କ୍ୱିଣ୍ଟାଲ ନାକଚଣା ବଣ୍ଟନ କରାଯାଇଥିଲା ସୂଚନା ମିଳିଛି ।

## ମାଲ୍ୟବନ୍ତ ମହୋତ୍ସବକୁ ଉଦଘାଟନ କରିବେ ମୁଖ୍ୟମନ୍ତ୍ରୀ



ମାଲକାନଗିରି, ୨୯/୧୧ (ନି.ପ୍ର): ମାଲ୍ୟବନ୍ତ ମହୋତ୍ସବ – ୨୦୨୪ ଉଦଘାଟନୀ ଉତ୍ସବରେ ଯୋଗ ଦେବେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ ଚଳିତ ବର୍ଷ ମାଲ୍ୟବନ୍ତ ମହୋତ୍ସବରେ ଯୋଗ ଦେଇ ଏହାକୁ ଉଦ୍ଘାଟନ କରିବା ନିମନ୍ତେ ସମ୍ମତି ପ୍ରଦାନ କରିଛନ୍ତି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଆଜି ଭୁବନେଶ୍ୱର ଗସ୍ତ କରି ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ସ୍ଥାନୀୟ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଓ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଉପସ୍ଥିତ ଥିଲେ । ସେହିପରି ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ମଧ୍ୟ ମହୋତ୍ସବରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରାଯାଇଛି । ଏଥି ନିମନ୍ତେ ବିଭାଗ ପକ୍ଷରୁ ବିଧିବଧ ସମ୍ମତି ନିମନ୍ତେ ଅପେକ୍ଷା କରାଯାଇଛି । ସୂଚନା ଥାଉ କି ମାଲ୍ୟବନ୍ତ ମହୋତ୍ସବ ଡ଼ିସେମ୍ବର ୧୩ ରୁ ୧୫ ଓ ପଲ୍ଲୀଶ୍ରୀ ମେଳା ଡ଼ିସେମ୍ବର ୧୩ ରୁ ୧୭ ପର୍ଯ୍ୟନ୍ତ ସ୍ଥାନୀୟ ଡିଏନକେ ପଡିଆ ଠାରେ ଆୟୋଜନ କରାଯିବ । ତତ୍ ସହିତ ସେହି ସମୟରେ ଆଦିବାସୀ ପଡିଆ ଠାରେ କୃଷି ମେଳା ମଧ୍ୟ ଆୟୋଜନ କରାଯିବ ।

## ଜିଲ୍ଲା ଦକ୍ଷତା ବିକାଶ ମିଶନ ଏବଂ ଜିଲ୍ଲା କୌଶଳ କମିଟି ବୈଠକ



ନବରଙ୍ଗପୁର ୨୯/୧୧ (ନି.ପ୍ର): ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୌଷୟିକ ଶିକ୍ଷା ବିଭାଗ ର ନିର୍ଦ୍ଦେଶ ଅନୁଯାୟୀ ଆଜି ଜିଲ୍ଲା ଦକ୍ଷତା ବିକାଶ ଓ କର୍ମ ନିୟୋଜନ ସଂସ୍ଥା ତରଫରୁ ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ ଓ କୌଶଳ କମିଟି ର ବୈଠକ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହେଶ୍ୱର ଚନ୍ଦ୍ର ନାୟକ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ଦକ୍ଷତା ବିକାଶ କର୍ମ ନିୟୋଜନ ସଂସ୍ଥା କାର୍ଯ୍ୟକ୍ରମକୁ ସମୀକ୍ଷା କରିବା ସହିତ ଶକ୍ତି ସଦନ ସ୍ୱଧାର ଗୃହ ରେ ଥିବା ପୀଡ଼ିତା ମହିଳା,ଅନାଥ ଓ ବାଲ୍ୟବିବାହ ରୁ ଉଦ୍ଧାର ହୋଇଥିବା କିଶୋରୀ ମାନଙ୍କୁ କୌଶଳ ଭିତିକ ଶିକ୍ଷା ମାଧ୍ୟମରେ ଆତ୍ମ ନିର୍ଭରଶୀଳ କରାଇବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ନିର୍ଦ୍ଦେଶ ଦେଇଛନ୍ତି । ବୈଠକର ପ୍ରାରମ୍ଭ ରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଆନନ୍ଦ ଚନ୍ଦ୍ର ପଲାଇ ଜିଲ୍ଲାରେ ଦକ୍ଷତା ବିକାଶ ଓ ବୌଷୟିକ ଶିକ୍ଷା ବିଭାଗ ତରଫରୁ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଯୁବକ ଯୁବତୀ ମାନଙ୍କୁ କରାଯାଇଥିବା ନିଯୁକ୍ତି ଓ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ନୂତନ ନିଯୁକ୍ତି ଓ ନିୟୋଜନ ର ଯୋଜନା ଗୁଡିକ ଉପରେ ସବିଶେଷ ବିବରଣୀ ଉପସ୍ଥାପନା କରିଥିଲେ । ଅନ୍ୟତମ ଅତିଥି ଭାବରେ ଯୋଗଦେଇ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ବିରଞ୍ଚି ନାରାୟଣ ଦରୁଆନ ଜିଲ୍ଲାରେ ଥିବା ପରିତକ୍ତା ମହିଳା , ବାଲ୍ୟବିବାହ ରୁ ଉଦ୍ଧାର କିଶୋରୀ , ବିଚାରଧିନ କାରାଗାର ଅନ୍ତେବାସୀ ଓ ଯୁବକ ଯୁବତୀ ମାନଙ୍କୁ ଦକ୍ଷତାଶିକ୍ଷା ଅର୍ଜନ କରାଇ ,ସେମାନେ ଯେଭଳି ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବନଶୀଳ ହେବେ ତା ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ଦକ୍ଷତା ବିକାଶ ଓ କର୍ମ ନିୟୋଜନ ଅଧିକାରୀ ଜିଲ୍ଲା ରେ ଦକ୍ଷତା ବିକାଶ ରେ ଚାଲିଥିବା ବିଭିନ୍ନ ଯୋଜନା କୁ ନୂତନ ପ୍ରଚଳିତ ଆଇ ଟି ଆଇ, ପଲିଟେକନିକ୍, ଅନ୍ୟାନ୍ୟ ବୈଷୟିକ ଶିକ୍ଷା ଲାଭ କରିଥିବା ବେକାର ଯୁବକ ଯୁବତୀ ପାଇଁ ନାନୋ ୟୁନିକର୍ଣ, ଉଚ୍ଚ ଶିକ୍ଷା ଓ ଅଧିକ ଜ୍ଞାନ ପାଇଁ ଇର୍ଣ୍ଣର୍ନସିପ ଆର୍ଥିକ ସହାୟତା,ଯୁବତୀ ମାନଙ୍କ ଦକ୍ଷତା ବିକାଶ ପାଇଁ ସୁଦକ୍ଷା ଯୋଜନା , ଇଣ୍ଡୋ ଜାପାନ ସଂପର୍କ ଅନ୍ତର୍ଗତ ଜାପାନ ଦେଶରେ ନର୍ସ ଚାକିରି ଉପରେ ପିପିଟି ମାଧ୍ୟମରେ ସୁଚନା ଦେଇଥିଲେ। ଓଡିଶା ନଲେଜ କୋପରେସନ ଲିମିଟେଡ, ଅରିସ୍କ ସିକୁରୀଟି ଲିମିଟେଡ ଆଦି ସଂସ୍ଥା ଉପସ୍ଥିତ ଥାଇ ସେମାନଙ୍କ ର ପ୍ରକଳ୍ପରେ ଥିବା କାର୍ଯ୍ୟକ୍ରମ ଗୁଡିକୁ କମିଟି ସମୁଖ ରେ ଉପସ୍ଥାପନା କରିବା ସହ ଜିଲ୍ଲାରେ ବେକାର ଯୁବକ ଯୁବତୀ ମାନଙ୍କୁ ଦକ୍ଷତା ବିକାଶ ପାଇଁ ନେଇଥିବା ପଦକ୍ଷେପ କୁ କହିଥିଲେ। ଅନ୍ୟ ମାନଙ୍କ ମଧରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର , ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ,ଜିଲ୍ଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ , ଓରମାସ ଡେପୁଟି ସିଓ ଉମା ମହେଶ ଆକ୍ସନଏଡ ର ଜିଲ୍ଲା ପରାମର୍ଶ ଦାତା ଫକିର ଚରଣ ରାଉତ ଓ ଜିଲ୍ଲାର ସମସ୍ତ ଆଇ.ଟି.ଆଇ ଏବଂ ପଲିଟେକନିକ ମହାବିଦ୍ୟାଳୟ ର ଅଧକ୍ଷମାନେ ଜିଲ୍ଲା କୌଶଳ ଭିତିକ ଶିକ୍ଷା ର ବିବିନ୍ନ ଦିଗ ଉପରେ ଆଲୋଚନା କରିବା ସହିତ ପରାମର୍ଶ ମାନ ଦେଇଥିଲେ । ଶେଷରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ସହ ଅଧିକାରୀ ଶୁଭମ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିମିଳିପାଳ ବନାଗ୍ନିର ସଫଳ ମୁକାବିଲା ନିମନ୍ତେ ଆକ୍ସନ ପ୍ଲାନ

### ସୋସିଆଲ ମିଡ଼ିଆ ମାଧ୍ୟମରେ ସଚେତନତା ବାର୍ତ୍ତା ଉପରେ ବିଶେଷ ଗୁରୁତ୍ୱ



ବାରିପଦା ତା ୨୯/୧୧/ ଓଡ଼ିଶାର ସର୍ବବୃହତ ଜୈବ ମଣ୍ଡଳ ଶିମିଳିପାଳକୁ ବିନାଗ୍ନୀ ଦାଉରୁ ସୁରକ୍ଷା ଦେବା ନିମନ୍ତେ ଜଙ୍ଗଲ ଅଗ୍ନିନିରାକରଣ ଏବଂ ପରିଚାଳନା କାର୍ଯ୍ୟ ଯୋଜନା ସମ୍ବନ୍ଧରେ ଜିଲ୍ଲା ସମନ୍ୱୟ କମିଟି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ବନାଗ୍ନିକୁ ରୋକିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବାପାଇଁ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଶିମିଳିପାଳ ଦକ୍ଷିଣ ଉପ-ନିର୍ଦ୍ଦେଶକ, ସମ୍ରାଟ ଗୌଡା, ଉତ୍ତର ଉପ -ନିର୍ଦ୍ଦେଶକ ସାଇକିରଣଙ୍କ ସମେତ ସମସ୍ତ ଲାଇନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶ ସଚେତନତାର ଅଭାବ ଶିମିଳିପାଳରେ ନିଆଁ ଲାଗିବାର ଏକ ପ୍ରମୁଖ କାରଣ ବୋଲି ଉପସ୍ଥାପନ କରିବା ସହ ଶିମିଳିପାଳ ବନଖଣ୍ଡରେ ଘନ ଜଙ୍ଗଲ ୧୩୦୦ ବର୍ଗ କିଲୋମିଟର ମଧ ଜଙ୍ଗଲ ୧୭୧୭ ବର୍ଗ କିଲୋମିଟର , ମୁକ୍ତ ଜଙ୍ଗଲ ୧୦୪୨ ବର୍ଗ କିଲୋମିଟର ହୋଇଥିବା ବେଳେ ୯୭୩ଟି ଅଗ୍ନି ବିନ୍ଦୁ କେନ୍ଦ୍ର ବିଭିନ୍ନ ବନଖଣ୍ଡରେ ଚିହ୍ନଟ ହୋଇଛି । ଏହି ଅଗ୍ନି ବିନ୍ଦୁ କେନ୍ଦ୍ର ମାନଙ୍କରୁ ପ୍ରତ୍ୟେକ ବର୍ଷ ଜଙ୍ଗଲରେ ନିଆଁ ଲାଗି ଅନେକ ଜୈବ ବିବିଧ ନଷ୍ଟ ହେଉଅଛି । ଏହା ଛଡା ଅନେକ ମନୁଷ୍ୟକୃତ କାର୍ଯ୍ୟକଳାପ ଯଥା ପୋଡୁଚାଷ, ଧାନ ନଡ଼ା ଜାଳିବା, ଶିକାର ଉଦ୍ଦେଶ୍ୟରେ ଜଙ୍ଗଲରେ ନିଆଁ ଲଗାଇଦେବା, ଅନଧିକାର ଜବରଦଖଲ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଭଳି କାର୍ଯ୍ୟ ଯୋଗୁଁ ବନାଗ୍ନି ଭଳି ଦୁର୍ବିପାକ ହେଉଛି ବୋଲି କହିଥିଲେ. ଏଣୁ ଏହି ମନୁଷ୍ୟକୃତ କାର୍ଯ୍ୟକଳାପ ରୋକିବା ପାଇଁ ପଥପ୍ରାନ୍ତ ନାଟକ, ପାଲା, ଦାସକାଠିଆ, ଲୋକକଳା, ଫୁଟବଲ ଖେଳ ଇତ୍ୟାଦି ହଟସ୍ପଟ ନିକଟବର୍ତ୍ତୀ ୭୩୪ଟି ଗ୍ରାମରେ ଅନୁଷ୍ଠିତ ହେବ ବୋଲି କହିଥିଲେ. ଜିଲ୍ଲାପାଳ ଶ୍ରୀ ସୟ ଏହି ସଚେତନତା ପାଇଁ ସୋସିଆଲ ମିଡ଼ିଆର ବ୍ୟାପକ ବ୍ୟବହାର କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହାଛଡା ୭୭୩୧.୫୪ କିମି ବନଖଣ୍ଡ ଅଂଚଳରେ ଫାୟାର ଲାଇନ ନିର୍ମାଣ କରାଯିବା, ସଚେତନତା ଅଭିଯାନରେ ସ୍ୱୟଂ ସହାୟକ ଗୋଷ୍ଠୀ, ପିଆରଆଇ ସଦସ୍ୟ ତଥା ପ୍ରତି ବ୍ଲକରେ ବିଡ଼ିଓ ମାନଙ୍କୁ ସଂଶ୍ଲିଷ୍ଟ କରିବା ପାଇଁ ମଧ ଜିଲ୍ଲାପାଳ କହିଥିଲେ. ଏହି ଆଧାରରେ, ଡିସେମ୍ବର ରୁ ମାର୍ଚ୍ଚ ମାସ ମଧରେ ୫୪ଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯିବ. ଏହି ଆକ୍ସନ ପ୍ଲାନ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶାନ୍ତନୁ କୁମାର ନାୟକ, ଜିଲ୍ଲା ଜରୁରୀକାଳୀନ ଅଧିକାରିଣୀ ସୁଶ୍ରୀ ଶ୍ରଦ୍ଧା ସୁମନ, ଅତିରିକ୍ତ ବନରକ୍ଷୀ ରବି ନାରାୟଣ ନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ଶିବରାମ ମୁଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠି ପ୍ରମୁଖ ଯୋଗ ଦେଇ ଥିଲେ ।

## ସଂପାଦକୀୟ...

# ତଦନ୍ତ ଢ଼ାଲ

କେନ୍ଦ୍ର ସରକାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଏବଂ କେନ୍ଦ୍ରୀୟ ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି)ର ଦୁରୁପଯୋଗ କରୁଥିବା ଅଭିଯୋଗ କରି ଏହା ବିରୋଧରେ ମିଳିତ ବିରୋଧୀଦଳ ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ଯେଉଁ ଆବେଦନ କରାଯାଇଥିଲା ସେଥିରେ ସମ୍ପୃକ୍ତ ରାଜନୈତିକ ଦଳଗୁଡ଼ିକୁ ନିରାଶ ହେବାକୁ ପଡ଼ିଛି। ମୋଟ ୧୪ଟି ବିରୋଧୀଦଳ ପକ୍ଷରୁ ଦାଖଲ ହୋଇଥିବା ଏ ସଂକ୍ରାନ୍ତ ଏକ ଆବେଦନକୁ ସୁପ୍ରିମକୋର୍ଟ ବିଚାର ପାଇଁ ଗ୍ରହଣ କରିବାକୁ ମନା କରିଦେବା ସହିତ କହିଛନ୍ତି ଯେ ଏହାର ସମାଧାନ ସୂତ୍ର ଅଦାଲତ ପାଖରେ ନାହିଁ। ସମ୍ପୃକ୍ତ ରାଜନୈତିକ ଦଳଗୁଡ଼ିକ ଯେଉଁ ପ୍ରସଙ୍ଗ ଉତ୍‌ଥାପନ କରିଛନ୍ତି, ତାହାର ଉତର ରାଜନୈତିକ କ୍ଷେତ୍ରରେ ଖୋଜନ୍ତୁ। କଂଗ୍ରେସ, ଜେଡିୟୁ, ଟିଏମ୍‌ସି, ଡିଏମ୍‌କେ, ଏସ୍‌ପି, ଆରଜେଡି, ବିଆରଏସ୍, ଏନ୍‌ସିପି, ଶିବସେନା (ଉଦ୍ଧବ ଠାକରେ ଗୋଷ୍ଠୀ), ସିପିଆଇ, ସିପିଏମ୍, ଜାମ୍ମୁ କାଶ୍ମୀର ନେଶନାଲ୍ କନ୍‌ଫରେନ୍ସ, ଆପ୍ ଓ ଜେଏମ୍‌ଏମ୍ ପକ୍ଷରୁ ମିଳିତ ଭାବେ ସୁପ୍ରିମକୋର୍ଟରେ ଏ ସଂକ୍ରାନ୍ତରେ ଦାଖଲ ହୋଇଥିବା ଆବେଦନରେ କୁହାଯାଇଥିଲା ଯେ କେନ୍ଦ୍ର ସରକାର ଉପରୋକ୍ତ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ବିରୋଧୀଦଳଙ୍କ ବିରୋଧରେ ଲଗାଇ ରାଜନୈତିକ ପ୍ରତିଶୋଧ ନେବା ସହିତ ଏହାର ଦୁରୁପଯୋଗ କରୁଛନ୍ତି। ତେଣୁ ସର୍ବୋଚ୍ଚ ଅଦାଲତ ଏଥିରେ ହସ୍ତକ୍ଷେପ କରିବାର ଆବଶ୍ୟକତା ରହିଛି। ପ୍ରଧାନ ବିଚାରପତି ଡି ୱାଇ ଚନ୍ଦ୍ରଚୂଡ଼ ଓ ବିଚାରପତି ଜେ ବି ପର୍ଦ୍ଦିୱାଲାଙ୍କ ପୀଠ ଏହି ଆବେଦନ ଉପରେ ବିଚାର କରି କହିଛନ୍ତି ସରକାର ଯେତେବେଳେ ରାଜନୈତିକ ବିରୋଧୀଙ୍କୁ ନିଶାଣ କରି ସେମାନଙ୍କ ସ୍ଥାନ ଓ ସ୍ଥିତିକୁ ଏହି କେନ୍ଦ୍ରୀୟ ସଂସ୍ଥା ମାଧ୍ୟମରେ ସଂକୁଚିତ କରୁଛନ୍ତି, ସେତେବେଳେ ଏହାର ଉତର ସେହି ରାଜନୈତିକ ସ୍ଥାନରେ ରହିଛି। ଅତଏବ ସମ୍ପୃକ୍ତ ରାଜନେତାମାନଙ୍କୁ ଗଣତନ୍ତ୍ର ଓ ରାଜନୀତିକୁ ବ୍ୟବହାର କରି ସଂସଦରେ ଏହାର ସମାଧାନ ସୂତ୍ର ବାହାର କରିବାକୁ ପଡ଼ିବ। ଏହି ଆବେଦନର ଅର୍ଥ ହେଉଛି ରାଜନେତାମାନଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ମାଗିବା। ରାଜନେତାମାନେ ସାଧାରଣ ନାଗରିକଙ୍କଠାରୁ କୌଣସି ଗୁଣ୍ରେ ଉଚ୍ଚ ବା ସ୍ୱତନ୍ତ୍ର ନୁହନ୍ତି ଏବଂ ସେମାନଙ୍କର ସ୍ୱତନ୍ତ୍ର ସୁରକ୍ଷା ପାଇବାର ନ୍ୟାୟିକ ଅଧିକାର ନାହିଁ। ସର୍ବୋଚ୍ଚ ଅଦାଲତ ଏହାଦ୍ୱାରା ସ୍ପଷ୍ଟ କରି ଦେଇଛନ୍ତି ଯେ ଆଇନ ଆଗରେ ନେତାମାନେ ସ୍ୱତନ୍ତ୍ର ନୁହନ୍ତି ଓ ଅନ୍ୟ ନାଗରିକଙ୍କ ସହିତ ସମାନ। ତେଣୁ ଆଇନର ପ୍ରୟୋଗ କ୍ଷେତ୍ରରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ନ୍ୟାୟପାଳିକା ଯୋଗାଇ ପାରିବ ନାହିଁ। ଯେଉଁ ଉଦ୍ଦେଶ୍ୟରେ ମିଳିତଭାବେ ବିରୋଧୀଦଳମାନେ ସର୍ବୋଚ୍ଚ ଅଦାଲତକୁ ଯାଇଥିଲେ, ତାହା ତ ପୂରଣ ହେଲାନାହିଁ, ବରଂ ଯେଉଁ ଉତର ମିଳିଲା ତାହା ନିଶ୍ଚିତ ଭାବେ ସେମାନଙ୍କ ଆଶାର ବିପରୀତ ହୋଇଛି ଏବଂ ସେମାନେ ଆବେଦନକୁ ପ୍ରତ୍ୟାହାର କରିନେବାକୁ ବାଧ୍ୟ ହେଲେ। ସମ୍ପ୍ରତି କେନ୍ଦ୍ରୀୟ ଏଜେନ୍ସିର ଦୁରୁପଯୋଗ କରି ମୋଦୀ ସରକାର ବିରୋଧୀ ରାଜନେତାମାନଙ୍କୁ ଦମନ କରୁଛନ୍ତି ବୋଲି ବାରମ୍ବାର ଅଭିଯୋଗ ହେଉଛି। ଏହି ଅଭିଯୋଗ ଆଜିକାର କିମ୍ବା ନୂଆ ନୁହେଁ। କେନ୍ଦ୍ରରେ ଯିଏ ଯେତେବେଳେ ସରକାରରେ ରହେ, ତାହା ବିରୋଧରେ ବିରୋଧୀପକ୍ଷ ପ୍ରାୟତଃ ଏଭଳି ଅଭିଯୋଗ ଆଣିଥା'ନ୍ତି। ଶାସନରେ ଯିଏ ରହେ, ସେ ସର୍ବଦା ଏଭଳି ଆକ୍ଷେପର ସମ୍ମୁଖୀନ ହୋଇଥାଏ। ତେବେ ବିରୋଧୀଦଳମାନେ ଯେ ଭିତିହୀନ ଓ ସମ୍ପୂର୍ଣ୍ଣ ଅସତ୍ୟ ଅଭିଯୋଗ ଏ ସଂକ୍ରାନ୍ତରେ କରିଛନ୍ତି, ତାହା ମଧ୍ୟ କୁହାଯାଇନପାରେ। କ୍ଷମତାସୀନ ଦଳ ବା ମେଂଟର ଯେଉଁ ଶାସନଗତ ଓ ପ୍ରଶାସନିକ ସୁବିଧା ସୁଯୋଗ ଥାଏ, ସେଥିରେ ଏଭଳି ଦୁରୁପଯୋଗ ହେବାର ସମ୍ଭାବନା ଥାଏ। ଏଥିରେ କିନ୍ତୁ କୋର୍ଟ କ'ଣ କରିପାରିବ ? ଆଇନ ପ୍ରଣୟନ ବିଧାନପାଳିକାର କାର୍ଯ୍ୟ ଓ କାର୍ଯ୍ୟପାଳିକା ତାହାକୁ କାର୍ଯ୍ୟକାରୀ କରେ। ଆଇନ ପ୍ରଣୟନ ସମୟରେ ବିରୋଧୀ ପକ୍ଷଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ଏବେ ସିବିଆଇ ଓ ଇଡି ଯେଉଁ ନୀତି, ନିୟମ ତଥା ବ୍ୟବସ୍ଥାରେ କାର୍ଯ୍ୟ କରୁଛି, ସେ ସବୁ ଆଇନ ଓ ପଦ୍ଧତି ପୂର୍ବରୁ ସଂସଦ ଦ୍ୱାରା ପ୍ରସ୍ତୁତ ଓ ଅନୁମୋଦିତ। ବିଧାନପାଳିକାର ନିଷ୍ପତିକୁ କାର୍ଯ୍ୟପାଳିକା କେବଳ କାର୍ଯ୍ୟକାରୀ କରୁଛି। ତେଣୁ ଏ କ୍ଷେତ୍ରରେ ନ୍ୟାୟପାଳିକାର କେବଳ ବିଚାର ବିଭାଗୀୟ ସମୀକ୍ଷା ବା ଜୁଡିସିଆଲ୍ ରିଭ୍ୟୁ ବ୍ୟତୀତ ଅନ୍ୟ କିଛି ବିଶେଷ ଭୂମିକା ନାହିଁ। ତେଣୁ ବିରୋଧୀ ଦଳମାନଙ୍କ ଆବେଦନମତେ ସୁପ୍ରିମକୋର୍ଟ ଦ୍ୱାରା ଆଉ କୌଣସି ବିଶେଷ ମାର୍ଗଦର୍ଶିକାର ନାହିଁ। ସଂସଦ ଦ୍ୱାରା ପ୍ରଣୀତ ଆଇନକୁ ବଦଳାଇବା ବା ତାହାର କାର୍ଯ୍ୟକାରିତାକୁ ରୋକି ବିରୋଧୀ ରାଜନେତାଙ୍କୁ ସ୍ୱତନ୍ତ୍ର ସୁରକ୍ଷା ଦେବା ଅଦାଲତଙ୍କ କାର୍ଯ୍ୟ ନୁହେଁ। ଆହୁରି ମଧ୍ୟ ନ୍ୟାୟପାଳିକା ଏଥିରେ ହସ୍ତକ୍ଷେପ କରିଥିଲେ ସିବିଆଇ ଓ ଇଡିର କାର୍ଯ୍ୟାନୁଷ୍ଠାନ ଦ୍ୱାରା ଅସୁବିଧାର ସମ୍ମୁଖୀନ ହୋଇଥିବା ସବୁ ରାଜନେତାଙ୍କୁ ଫୁରସତ୍ ମିଳିଥା'ନ୍ତା। ଏହି ପ୍ରସଙ୍ଗଟି ଅଧିକ ରାଜନୈତିକ ରଙ୍ଗ ଓ ରୂପ ନେଇଥା'ନ୍ତା। ବିରୋଧୀ ପକ୍ଷରୁ କେନ୍ଦ୍ର ସରକାରଙ୍କ କେନ୍ଦ୍ରୀୟ ସଂସ୍ଥାର ଦୁରୁପଯୋଗର ଯେଉଁ ତଥ୍ୟ ଅଦାଲତରେ ଉପସ୍ଥାପିତ ହୋଇଥିଲା, ତାହାର ମୂଳ ଉଦ୍ଦେଶ୍ୟ ହେଲା ଏହି ତଥ୍ୟ ଆଧାରରେ ବିରୋଧୀ ନେତାଙ୍କୁ ସରକାରଙ୍କ ରାଜନୈତିକ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନରୁ ସ୍ୱତନ୍ତ୍ର ସୁରକ୍ଷା ଦେବା। ତେବେ ଦେଶର ପ୍ରବର୍ତିତ ଆଇନକାନୁନ ଓ ନୀତି ନିୟମରେ ଏହା କରିବା ଅଦାଲତଙ୍କ ପକ୍ଷେ ସମ୍ଭବ ନୁହେଁ। କାରଣ ଆଇନକାନୁନର ଶାସନ ଦୃଷ୍ଟିରେ ସମସ୍ତେ ସମାନ ଏବଂ କାହାର ବିଶେଷାଧିକାର ନାହିଁ। ତେଣୁ ଏଭଳି ପ୍ରସଙ୍ଗରେ ଅତିକ୍ରିୟା ବା ନିଷ୍କ୍ରିୟତା ନ ଦେଖାଇ ନ୍ୟାୟପାଳିକା ଆମ ବ୍ୟବସ୍ଥାର ନିରପେକ୍ଷତା ପ୍ରତି ଉପଯୁକ୍ତ ନଜର ଦେବାର ଆବଶ୍ୟକତା ରହିଛି।

# କିଏ କହେ, ମହିଳା ମାନେ ନେତୃତ୍ୱ ନେବାରେ ଅସମର୍ଥ ବୋଲି ?

ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ମଧ୍ୟ ଦଶନ୍ଧି ପର୍ଯ୍ୟନ୍ତ, ସମାଜରେ ମହିଳା ଓ ପୁରୁଷ ମାନଙ୍କ ଭୂମିକା ମଧ୍ୟରେ ଏକ ସ୍ପଷ୍ଟ ପାର୍ଥକ୍ୟ ଅଛି ବୋଲି ଧରି ନିଆଯାଉଥିଲା କିନ୍ତୁ କେତେକ ମହିଳା ମାନେ ସେମାନଙ୍କ ଅଧ୍ୟବସାୟ ବଳରେ ପୁରଷ ମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ପଥକୁ ମଧ୍ୟ ଅତିକ୍ରମ କରିବାରେ ସଫଳ ହୋଇଛନ୍ତି। ସଂଘର୍ଷ, ଅଧ୍ୟବସାୟ,, ଯୋଗ୍ୟତା ଓ ସଶକ୍ତିକରଣ ପାଇଁ ପ୍ରବଳ ଇଚ୍ଛା ବଳରେ ଡ. ହାସିମା ହସନ୍, ଶବାନା ଆଜମୀ ଓ ହାଲିମା ୟାକୁବ୍ ଭଳି ମୁସଲିମ୍ ମହିଳା ମାନେ ସଦ୍ୟ ପ୍ରକାଶିତ, ବିଶ୍ୱର ୫୦୦ ଜଣ ଅତ୍ୟନ୍ତ ପ୍ରଭାବଶାଳୀ ବ୍ୟକ୍ତିଙ୍କ ତାଲିକାରେ ନିଜକୁ ସମ୍ମିଳିତ କରିବାରେ ସକ୍ଷମ ହୋଇଛନ୍ତି। ଡ. ହାସିମା ହସନ, ଜଣେ ଭାରତୀୟ ବଂଶୋଦ୍ଭବ ବୈଜ୍ଞାନିକ ଅଟନ୍ତି, ଯିଏ ନାସାର ଜେମସ୍ ବ୍ ମହାକାଶ ଦୂରବିକ୍ଷଣ ଯନ୍ତ୍ରର ଉତକ୍ଷେପଣ ସମୟରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ। ତାଙ୍କୁ ଯେତେସବୁ ଅବସର ମିଳିଥିଲା, ସେଗୁଡିକର ସଦ୍ ଉପଯୋଗ କରି, ସେ ବର୍ତ୍ତମାନ ଏହି ସ୍ଥାନକୁ ପହଂଚିବାରେ ସକ୍ଷମ ହୋଇଛନ୍ତି। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ମେଧାବୃତ୍ତି ହାସଲକରି ସେ ୧୯୭୬ ମସିହାରେ ନ୍ୟୁକ୍ଲିୟର ପଦାର୍ଥବିଜ୍ଞାନରେ ପି.ଏଚ.ଡି ହାସଲ କରି ବିଶ୍ୱବିଦ୍ୟାଳୟରେ ଶିକ୍ଷା ଓ ଅନୁସଂଧାନ କାର୍ଯ୍ୟରେ ନିୟୋଜିତ ଥିଲେ। କିନ୍ତୁ ବିବାହ ପରବର୍ତ୍ତୀ ସମୟରେ ସେ ଆମେରିକାକୁ ଚାଲିଆସିଥିଲେ। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ସେ ନିଜକୁ ସେହି ହିସାବରେ ପରିବର୍ତ୍ତନ କରିଥିଲେ। ସେ ନିଜର ଅନୁସନ୍ଧାନର ବିଷୟ ନ୍ୟୁକ୍ଲିଅର ପଦୌଥ ବିଜ୍ଞାନରୁ ବାତାବରଣ ବିଜ୍ଞାନ ଓ ଖଗୋଳ ଭୌତିକ ବିଜ୍ଞାନକୁ ପରିବର୍ତ୍ତନ କରିଥିଲେ। ୧୯୮୫ ମସିହାରେ ବାଲ୍ଟିମୋର, ମ୍ୟାରିଲେଣ୍ଡ ସ୍ଥିତ ସ୍ପେସ୍ ଟେଲିସ୍କୋପ୍ ସାଇନ୍ସ ଇନଷ୍ଟିଚ୍ୟୁଟ୍‌ରେ ଯୋଗଦାନ କରିଥିଲେ ଓ ଏହା ଫଳରେ ନାସା ସହିତ ତାଙ୍କ ସମ୍ପର୍କର ଆରମ୍ଭ ହୋଇଥିଲା। ସେତେବେଳେ ତାଙ୍କର ଦୁଇଟି ଶିଶୁ ଥିଲେ, ଯାହା ଫଳରେ ଗୃହ କାର୍ଯ୍ୟ ଓ କର୍ମକ୍ଷେତ୍ର ମଧ୍ୟରେ ଏକପ୍ରକାର ସନ୍ତୁଳନ ରଖିବାକୁ ପଡୁଥିଲା। କର୍ମକ୍ଷେତ୍ରରେ ବ୍ୟସ୍ତତା ସତ୍ତ୍ୱେ ସେ ତାଙ୍କର ଦୁଇ ସନ୍ତାନଙ୍କୁ ଆଇନଜୀବି ଓ ଇଞ୍ଜିନିୟର ଭାବରେ ଗଢ଼ିବାକୁ ସକ୍ଷମ ହୋଇଥିଲେ।

**ଇନ୍‌ସା ୱାରସୀ**

ସେହିପରି ଶବାନା ଆଜ୍‌ମି ଜଣେ ଅସାଧାରଣ ଅଭିନେତ୍ରୀ ଅଟନ୍ତି ଓ ବସ୍ତି ବାସିନ୍ଦା, ବିସ୍ଥାପିତ କାଶ୍ମିରୀ ପଣ୍ଡିତ ଓ ଲାଟୁର ମହାରାଷ୍ଟ୍ରର ଭୁମିକମ୍ପ ପିଡୀତ ମାନଙ୍କ ପାଇଁ ସର ଉତ୍ତୋଳନ କରିଆସିଛନ୍ତି। ସେ ପାଂଚ ଥର ଜାତୀୟ ପୁରସ୍କାର ବିଜେତା ହେବା ସହିତ, ଜଣେ କଳାକାର, ଲେଖିକା ଓ ସାମାଜିକ କର୍ମୀ ଭାବରେ ନିଜର କୃତିତ୍ୱ ପ୍ରତିପାଦନ କରିଛନ୍ତି। ସେହିପରି ହାଲିମା ୟାକୁବ୍ ସିଙ୍ଗାପୁରର ଅଷ୍ଟମ ଓ ପ୍ରଥମ ମୁସଲିମ ମହିଳା ରାଷ୍ଟ୍ରପତି ଭାବରେ ୨୦୧୭ ମସିହାରେ ନିର୍ବିରୋଧରେ ନିର୍ବାଚିତ ହୋଇଥିଲେ। ହାଲିମା ୟାକୁବଙ୍କ ପୃଷ୍ଠଭୂମି ଅତ୍ୟନ୍ତ ସାଧାରଣ। ତାଙ୍କୁ ଯେତେବେଳେ କେବଳ ଆଠ ବର୍ଷ ହେଉଥିଲା, ସେତେବେଳେ ତାଙ୍କର ପିତା ଯିଏ ଭାରତୀୟ ବଂଶୋଦ୍ଭବ ଥିଲେ, ତାଙ୍କର ଦେହାନ୍ତ ହୋଇଥିଲା ଓ ସେବେ ଠାରୁ ତାଙ୍କର ମାତା ଯିଏ ମାଳୟ ମୂଳର ଥିଲେ ତାଙ୍କର ଲାଳନ ପାଳନ କରିଥିଲେ। ସେ ତାଙ୍କ ଶିକ୍ଷାକାଳରେ କୃତିତ୍ୱ ହାସଲ କରି, ସିଙ୍ଗାପୁର ରାଷ୍ଟ୍ରୀୟ ବିଶ୍ୱବିଦ୍ୟାଳୟରୁ ଆଇନ ସ୍ନାତକ ହୋଇଥିଲେ। ଏହି ମହିଳା ମାନଙ୍କ ସଫଳତା ପ୍ରମାଣ କରେ ଯେ ବିଂଶ ଶତାବ୍ଦୀର ଅନ୍ତିମ ବେଳକୁ ଚିରାଚରିତ ଚିନ୍ତାଧାରାରେ ପରିବର୍ତ୍ତନ ଘଟିଥିଲା। ସନ୍ଧ୍ୟା ସାଧନକୁ ବିନିଯୋଗ କରି ସେମାନେ ନିଜର ଅଧ୍ୟବସାୟ ବଳରେ ନିଜର ଲକ୍ଷ୍ୟ ହାସଲ କରିଥିଲେ। ସେମାନେ ସମୟାନୁକ୍ରମେ ଅନ୍ୟ ମୁସଲିମ୍ ଯୁବ ମହିଳା ଯେପରି ସାନିଆ ମିରଜା (ପ୍ରଥମ ଭାରତୀୟ ମୁସଲିମ ମହିଳା ଯୁଦ୍ଧବିମାନ ଚାଳକ) ଇତ୍ୟାଦିଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଥିଲେ। ଜଣେ ଜ୍ଞାନୀ ଲୋକ ଥରେ କହିଥିଲେ, ଗୋଟିଏ ଦେଶର ଶକ୍ତି ସେଠାରେ ଥିବା ଦୁର୍ବଳ ଓ ନିଷ୍ପେଷିତ ଶ୍ରେଣୀର ଲୋକଙ୍କ ସାମର୍ଥ୍ୟ ଉପରେ ନିର୍ଭର କରେ। ଶବାନା ଆଜମୀ ଓ ହସିମା ହସନଙ୍କ ଭଳି ମହିଳା ମାନଙ୍କ ଠାରୁ ପ୍ରେରଣା ନେଇ, ସଂଖ୍ୟାଲଘୁ ସମୁଦାୟର ମହିଳା ମାନେ ପିତୃକେନ୍ଦ୍ରୀକ ଚିନ୍ତାଧାରାକୁ ଅତିକ୍ରମ କରି ନିଜ ପ୍ରଚେଷ୍ଟାରେ ସଫଳ ହେଉଛନ୍ତି।

ଜର୍ଣ୍ଣାଲିଜମ ଓ ଫ୍ରାଙ୍କାଫୋନ୍ ଅଧ୍ୟୟନ ବିଭାଗ,
ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟ

# ଆମେ ସବୁ ଭୁଲିଯାଉଛୁ

ମଣିଷ ଜୀବଜଗତର ଶ୍ରେଷ୍ଠ ପ୍ରାଣୀ। କଥା କହିବା, ହସିବା ଏବଂ ସ୍ମରଣଶକ୍ତି ହିଁ କେବଳ ମଣିଷର ରହିଛି ! ସେଇଥିପାଇଁ ସେ ଜୀବଶ୍ରେଷ୍ଠର ମାନ୍ୟତା ପାଇଛି। ଅଣନିଃଶ୍ୱାସୀ ହୋଇ ଅନର୍ଗଳ କହୁଥିଲେ ବି ଅନେକ କଥାକୁ ସେ ଭୁଲିଯାଉଛି। ଯେଉଁ ଶକ୍ତିବଳରେ ମଣିଷ ଶ୍ରେଷ୍ଠତାର ଶିରପା ପିନ୍ଧିଛି, ତା' ଅଜାଣତରେ ତାକୁ କେହି ଅପହରଣ କରିନେଇଗଲାଣି। ମନେ ରଖିବା ବଦଳରେ ଭୁଲାପଣଟା ମଣିଷକୁ ମାଡିବସିଥିବା ପରି ଲାଗୁଛି।

ଭୁଲାପଣ ଯୋଗୁଁ ଶିକ୍ଷିତ ଓ ଅଶିକ୍ଷିତ ମଣିଷ ଅନେକ ନ କରିବା କାର୍ଯ୍ୟ କରିଦେଉଛନ୍ତି। ଆଉ ନିହାତି ଜରୁରୀ କାର୍ଯ୍ୟକୁ ପାସୋରି ପକାଉଛନ୍ତି। କିଏ ବସ୍‌ରେ, କିଏ ଟ୍ରେନରେ ଓ କିଏ ପ୍ଲେନରେ ଯାତ୍ରା ପାଇଁ ଆଗୁଆ ଟିକଟ କାଟୁଛି। ଟଙ୍କା ଖର୍ଚ୍ଚ କରି ବି ଯାତ୍ରା କରିପାରୁନି। ଜରୁରୀ କାମଟା ଅଧାରେ ରହିଯାଉଛି। ଭୁଲାପଣ ପାଇଁ ସେ ମୁଣ୍ଡ କୋଡେ, ଭାଗ୍ୟକୁ ନିନ୍ଦେ। ଅଲକ୍ଷ୍ୟରେ ସେ ନିଜର ଭୁଲାପଣକୁ ଭୁଲିଯାଏ। କେବଳ ଟ୍ରେନ କି ପ୍ଲେନ ଯାତ୍ରା ନୁହେଁ, ଅନେକ ଲୋକ ଭୁଲାପଣ ଯୋଗୁଁ ବଜାରକୁ ଯାଇ ଖାଲି ହାତରେ ଘରକୁ ଫେରନ୍ତି। ବ୍ୟାଗ ଖାଲି ପଡେ, ମନଟାକୁ ଭୁଲାପଣ ମାଡିବସେ। ଏଥିପାଇଁ ପତ୍ନୀଠାରୁ, ପୁଅଠାରୁ, ପରିବାରଲୋକଙ୍କଠାରୁ ସେ ଗାଳି ଶୁଣେ। କପାଳରେ ହାତ ମାରେ, ନିଜର ଭୁଲାପଣକୁ ଧିକ୍‌କାର କରେ। ଜଣକର ଭୁଲାପଣ ଯୋଗୁଁ ସେ ବ୍ୟକ୍ତିଗତସ୍ତରରେ କ୍ଷତି ସହେ କିମ୍ବା ତାଙ୍କ ପରିବାରର କ୍ଷତି ଘଟେ। ଗୋଟିଏ ଜାତି, ଗୋଟିଏ ସମ୍ପ୍ରଦାୟ ଭୁଲାପଣର ଶିକାର ହେଲେ, ସେ ଜାତି ଆଗକୁ ବଢ଼ିପାରେନି କି ବିକାଶର ରାସ୍ତା ତାହା ପାଇଁ ସହଜ ହୁଏନି।

ଏ କଳିଙ୍ଗ ଜାତି। ଏ ଜାତିର ଇତିହାସ ବେଶ୍ ସମୃଦ୍ଧ। ଏହି ମାଟିରେ ଦିନେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇଥିଲେ। ଏ ଜାତିର ବୀରତ୍ୱ ଦିନେ ସାରା ବିଶ୍ୱକୁ ନୂଆ ସୂର୍ଯ୍ୟୋଦୟ ଦେଖାଇଥିଲା। ଏ ଜାତି ଅନେକ ବୀରପୁରୁଷଙ୍କୁ ଜନ୍ମ ଦେଇଛି। ଏଇ ମାଟିରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଦୀନ ଦରିଦ୍ରର ସାଥୀ ଉତ୍କଳମଣି ଗୋପବନ୍ଧୁ ଦାସ ଜନ୍ମ ନେଇଥିଲେ। ନିଜ ଜାତିର ସ୍ୱାଭିମାନ ପାଇଁ ସେମାନେ ଅନେକ ଲୋଭନୀୟ ପୁରସ୍କାର, ସମ୍ମାନ ଓ ପଦପଦବୀକୁ ଗୋଡରେ ଆଡେଇ ଦେଇଥିଲେ। ନିଜେ ସ୍ୱାଭିମାନରେ ବଞ୍ଚିଥିଲେ ଓ ଅନ୍ୟମାନଙ୍କୁ ସ୍ୱାଭିମାନୀ ହେବାକୁ ପରାମର୍ଶ ଦେଉଥିଲେ। ମଧୁବାବୁ ଓ ଗୋପବନ୍ଧୁଙ୍କ ସ୍ୱାଭିମାନୀ ଓଡ଼ିଆ ଜାତି ଏବେ ନିଜର ହୃତଗୌରବକୁ ଭୁଲି ଯାଇଛି। ସ୍ୱାଭିମାନୀ ନ ହୋଇ ବେଇମାନ ହେବାକୁ ଅଧିକ ପସନ୍ଦ କରୁଛି। ନିଜର ଦାରିଦ୍ରତା ଦେଖାଇବାକୁ ସେ ବେଶ୍ ଆଗ୍ରହ ପ୍ରକାଶ କରୁଛି, ସହଜ ମନେକରୁଛି। ପର ପାଖରେ ହାତ ପତାଇ ଗର୍ବ କରୁଛି, ମାଗି ଖାଇବାର ଆତ୍ମତୃପ୍ତିରେ ଛାତି କୁଣ୍ଢେମୋଟ କରୁଛି। ନ କରିବା କାର୍ଯ୍ୟ କରୁଛି, ଆଉ କରିବା କାର୍ଯ୍ୟକୁ ଭୁଲିଯାଉଛି। ଡାହାଣ ହାତ କରୁଥିବା କାମ ବାମ ହାତ ଜାଣିପାରୁନି। ଏଠି ଦିନରେ ବିଜୁଳି ବତି ଜଳୁଛି, ରାତିରେ ଅନ୍ଧାର ରାଜୁତି କରୁଛି। ପ୍ରତିବାଦ ନ କରି ସହିନେବାକୁ ଆମେ ପସନ୍ଦ କରୁଛୁ। ଆମେ ଗାନ୍ଧୀଙ୍କ ନୀତି ଆଦର୍ଶକୁ ବିଶ୍ୱାସ କରୁଛୁ;କିନ୍ତୁ ଅନ୍ୟାୟ, ଅନୀତି ଓ ଅତ୍ୟାଚାର ବିରୋଧରେ ସ୍ୱର ଉତୋଳନ କରିବାକୁ ସାହସ ଜୁଟେଇ ପାରୁନୁ।

**ସୁରେନ୍ଦ୍ର ପଲାଇ**

ଆମ ଦୁର୍ବଳତାର, ଆମ ଅସହାୟତାର ଫାଇଦା ଉଠାଇ ଚାଲିଛନ୍ତି କିଛି ସ୍ୱାର୍ଥବାଦୀ, ସ୍ୱାର୍ଥାନ୍ୱେଷୀ ମଣିଷ। ସେମାନଙ୍କର ଆବଶ୍ୟକତା ପଡ଼ିଲେ, କ୍ଷମତା ଶିଢ଼ି ଚଢିବାର ନିଶା ମୁଣ୍ଡକୁ ଚଢିଲେ, ଆମ ନିକଟକୁ ଆସନ୍ତି। ଆମକୁ ଗୋଟାକର ନିଜର କରିନିଅନ୍ତି। ମିଛିମିଛିକା ସ୍ନେହ, ମମତା ଆମ ଉପରେ ଓଜାଡି ଦିଅନ୍ତି। ଆକାଶରୁ ଚାନ୍ଦ, ସମୁଦ୍ରରୁ ଅମୃତ, ପାତାଳରୁ ହୀରା ଆଣି ଦେବାର ମିଠା ମିଠା ପ୍ରତିଶ୍ରୁତି ଦିଅନ୍ତି। ପୁଳାପୁଳା ପ୍ରତିଶ୍ରୁତିରେ ଆମେ ପୋତି ହୋଇପଡୁ। ପୋତି ହୋଇପଡେ ଆମର ସନ୍ଦେହ, ଅବିଶ୍ୱାସ ଓ ଆତ୍ମବିଶ୍ୱାସ। ମରିଯାଏ ଆମର ମଣିଷପଣିଆ। କବର ନେଇଯାଏ ଆମର ସ୍ୱାଭିମାନ, ଅଭିମାନ। ଭଲ-ମନ୍ଦ, ହାନି-ଲାଭର ବିଚାର ଆମେ ଭୁଲିଯାଉ। ଭୁଲାପଣଟା ଆମକୁ ସମ୍ପୂର୍ଣ୍ଣ କବଳିତ କରିନିଏ। ଆମର ଭୁଲାପଣ ପାଇଁ ସେମାନେ ବିଜୟ ଧ୍ୱଜା ଉଡାନ୍ତି। କ୍ଷମତା ରଜ୍ଜୁକୁ ବାରମ୍ବାର ଜାବୁଡି ଧରନ୍ତି। ଲୋଭରେ, ନିଶାରେ ମତୁଆଲା ହୁଅନ୍ତି।

୭୫ବର୍ଷର ସ୍ୱାଧୀନତା ଭିତରେ ଅନେକ ନିର୍ବାଚନ ଆସି ଚାଲିଗଲାଣି। ଅନେକ ପ୍ରତିଶ୍ରୁତି ପବନରେ ମିଳେଇଗଲାଣି। ପୁଳାପୁଳା ପ୍ରତିଶ୍ରୁତି ସବୁ ପ୍ରତାରଣାର ରୂପ ନେଉଛି ସିନା ବାସ୍ତବତାକୁ ସ୍ପର୍ଶ କରିପାରୁନି। କବିର ସ୍ୱପ୍ନ ରାଇଜର କବିତା ପରି ନେତାଙ୍କ ପ୍ରତିଶ୍ରୁତିର ଅନେକ ସ୍ୱପ୍ନକୁ ନେଇ ଆମେ କେବଳ ଆଗକୁ ବଢ଼ିଚାଲିଛେ। ଏଥିପାଇଁ ସେମାନେ ଯେତିକି ଦାୟୀ ନୁହନ୍ତି, ଆମେ ସଚେତନ ମଣିଷମାନେ ତା'ଠାରୁ ଅଧିକ ଦାୟୀ। ଦାୟୀ ଆମ ଭୁଲାପଣ, ଆମ ସହନଶୀଳତା। ଆମେ ଯଦି ଭୁଲି ନଯାଇ, ସ୍ୱାଭିମାନୀ ହୁଅନ୍ତେ, ବାସ୍ତବତାକୁ ଚିନ୍ତା କରନ୍ତେ, ଲାଭ-କ୍ଷତିର ହିସାବ ମାଗନ୍ତେ, ମିଳିଥିବା ପ୍ରତିଶ୍ରୁତିର ମୂଲ୍ୟାୟନ କରନ୍ତେ, ପ୍ରଶ୍ନ ପଚାରିବାର ସାହସ ଓ ଶକ୍ତି ଜୁଟାଇ ପାରନ୍ତେ; ତାହାହେଲେ ତରାଜୁ ଓଜନରେ ସାଧାରଣ ଜନତା ହିଁ ଭାରିପଡନ୍ତେ। ଭାରି ପଡନ୍ତା ମିଥ୍ୟା ପ୍ରତିଶ୍ରୁତି ଓ ଛଳନାପୂର୍ଣ୍ଣ ପ୍ରବଂଚନା। ସେମାନଙ୍କ କ୍ଷମତା ଚୌକି ତାସ୍‌ଘର ପରି ନିମିଷକେ ଭୁଶୁଡି ପଡନ୍ତା। ଅଗ୍ନି ଉଦ୍‌ଗିରଣର ତତଲା ଲାର୍ଭାରେ ସେମାନେ ନିଶ୍ଚିହ୍ନ ହୋଇଯାଆନ୍ତେ।

ପ୍ରଶ୍ନ କରିବାକୁ ଆମେ କିନ୍ତୁ ସାହସ ଜୁଟେଉ ପାରୁନୁ, ସତ କହିବାକୁ ଶକ୍ତି ଯୋଗାଡ କରିପାରୁନୁ। ସତ ଉପରେ ଭୁଲାପଣ ଭାରିପଡୁଛି। ନିଜ ପାଇଁ, ପରିବାର ପାଇଁ, ପରିଜନଙ୍କ ପାଇଁ ଦୁର୍ନୀତି କରି, ଅସତ୍ ଉପାୟରେ ଧନ ସଂଚୟ କରିବାକୁ ବେଶ୍ ମନେ ରଖିପାରୁଛୁ। ପାଠ ପଢ଼ା ଜୀବନ ଶେଷ ନ ହେଉଣୁ, ଚାକିରି ଜୀବନ ଆରମ୍ଭ ନ ହେଉଣୁ, କେମିତି ଉପୁରି ହେବ, ଅସତ ଉପାୟରେ ଅର୍ଥ ରୋଜଗାର କରିହେବ, ତାହାକୁ କିନ୍ତୁ ଆମେ ଭୁଲିପାରୁନୁ। କାହାଠାରୁ ଆସିବ ଓ କାହା ନିକଟକୁ ଯିବ, ତାକୁ ଭଲଭାବେ ମନେରଖିପାରୁଛୁ। ସାମଗ୍ରିକ ସ୍ୱାର୍ଥ ପାଇଁ, ସମାଜର ବିକାଶ ପାଇଁ କିନ୍ତୁ ଭୁଲାପଣଟା ମଣିଷକୁ କବଳିତ କରିନେଉଛି। ଯେତେ କାଳ ପର୍ଯ୍ୟନ୍ତ ଏମିତି ସମୂହ ସ୍ୱାର୍ଥ ଛାଡି ବ୍ୟକ୍ତିସ୍ୱାର୍ଥ ପଛରେ ଧାଇଁଥିବା, ଭୁଲାପଣକୁ ଜାବୋଡି ଧରିଥିବା, ଭୁଲାପଣ ନାଁରେ ସତକୁ ଅସତ୍ୟର ବାଟ ଦେଖାଇ ଚାଲିଥିବା, ବିକାଶ ମରୀଚିକା ପରି ଆମ ଆଗେ ଆଗେ ସେମିତି ଧାଇଁଥିବ ! ସେଥିପାଇଁ ବୋଧେ ଦିବ୍ୟଦ୍ରଷ୍ଟା ମଧୁବାବୁ ଲେଖିଥିଲେ, 'ଜାତି ନନ୍ଦିଘୋଷ ଚାଲିବ କି ଭାଇ, ସ୍ୱାର୍ଥକୁ ସାରଥି କଲେ, ଚାଲେକିରେ ଭାଇ ଦାନାର ତୋବଡା ଘୋଡା ମୁହେଁ ବନ୍ଧାଥିଲେ...'।

# ସର୍ବୋଚ୍ଚ ନ୍ୟାୟାଳୟଙ୍କ ବଳିଷ୍ଠ ରାୟ

ମାର୍ଚ୍ଚ ୨, ୨୦୨୩ ତାରିଖ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଦେଶର ନିର୍ବାଚନ ଆୟୋଗ ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କଲେ। ଏହି ପ୍ରବନ୍ଧରେ ଏ ବିଷୟରେ ଅଳ୍ପ ଆଲୋଚନା କରିବା। ଗୁପ୍ତ ମତଦାନ ମାଧ୍ୟମରେ ଅବାଧ ନିର୍ବାଚନ ହେଉଛି ଗଣତାନ୍ତ୍ରିକ ପ୍ରକ୍ରିୟାର ମୂଳଦୁଆ। ଏଥିପାଇଁ ଏକ ଦକ୍ଷ ଓ ନିରପେକ୍ଷ ସଂସ୍ଥା ଆବଶ୍ୟକ। ଭାରତରେ ଏଥିପାଇଁ ନିର୍ବାଚନ ଆୟୋଗ ଅଛି। ସମ୍ବିଧାନର ଧାରା ୩୨୪ରେ ନିର୍ବାଚନ ଆୟୋଗ ବିଷୟରେ ଉଲ୍ଲେଖ ଅଛି। ନଭେମ୍ବର ୨୬, ୧୯୪୯ ସମ୍ବିଧାନ ସଭାରେ ସମ୍ବିଧାନ ଗୃହୀତ ହେଲା। କିଛି ଧାରା ତତ୍‌କ୍ଷଣାତ୍ ଲାଗୁ ହେଲା। ଧାରା ୩୨୪ ସେ ଭିତରୁ ଅନ୍ୟତମ। ବାକି ତକ ଧାରା ଜାନୁଆରୀ ୨୬,୧୯୫୦ରୁ ଲାଗୁ ହେଲା। ଧାରା ୩୨୪ର ଶୀର୍ଷକ ହେଲା, 'ନିର୍ବାଚନର ପରିଚଳନା, ନିର୍ଦ୍ଦେଶ ଓ ନିୟନ୍ତ୍ରଣ (ସୁପରିନ୍‌ଟେନ୍‌ଡେନ୍ସ, ଡାଇରେକ୍ସନ୍ ଆଣ୍ଡ କଂଟ୍ରୋଲ) ନିର୍ବାଚନ ଆୟୋଗ ହାତରେ ନ୍ୟସ୍ତ'। ଉପଧାରା ୨ ଅନୁସାରେ ଆୟୋଗର ଜଣେ ମୁଖ୍ୟ ଆୟୁକ୍ତ ରହିବେ। ରାଷ୍ଟ୍ରପତିଙ୍କ ଦ୍ୱାରା ଆଉ କିଛି ଆୟୁକ୍ତଙ୍କ ନିଯୁକ୍ତି ହୋଇପାରେ। ମୁଖ୍ୟ ଏବଂ ଅନ୍ୟ ଆୟୁକ୍ତଙ୍କ ଚୟନ ପାଇଁ ସଂସଦ କର୍ତୃକ ଆଇନ ପ୍ରଣୟନ କରାଯିବ। ଆଇନ ପ୍ରଣୟନ ନ ହେବା ପର୍ଯ୍ୟନ୍ତ ରାଷ୍ଟ୍ରପତି ତାଙ୍କୁ ଚୟନ କରିବେ। ଏକାଧିକ ଆୟୁକ୍ତ କ୍ଷେତ୍ରରେ ମୁଖ୍ୟ ଆୟୁକ୍ତ ନିର୍ବାଚନ ଆୟୋଗର ଚେୟାରମ୍ୟାନ୍ ଭାବରେ କାର୍ଯ୍ୟ ସମ୍ପାଦନ କରିବେ (ଉପଧାରା ୩)। ମୁଖ୍ୟ ଆୟୁକ୍ତଙ୍କ ସେବାରୁ ଅପସାରଣ (ରିମୁଭାଲ୍)ର ନିୟମ ସୁପ୍ରିମ୍‌କୋର୍ଟର ବିଚାରପତିଙ୍କ ଅପସାରଣ ନିୟମର ଅନୁରୂପ ହେବ। ନିଯୁକ୍ତି ପରେ ମୁଖ୍ୟ ଆୟୁକ୍ତଙ୍କ ନିଯୁକ୍ତି ସର୍ତ ତାଙ୍କ ହିତ ବିପରୀତ ହୋଇପାରିବ ନାହିଁ। (ଉପଧାରା୫, ପ୍ରଥମ ପ୍ରୋଭାଇଜୋ)। ଆୟୁକ୍ତଙ୍କ ଅପସାରଣ ମୁଖ୍ୟ ଆୟୁକ୍ତଙ୍କ ସୁପାରିସ ବିନା ହୋଇପାରିବ ନାହିଁ। (ଉପଧାରା ୫, ଦ୍ୱିତୀୟ ପ୍ରୋଭାଇଜୋ)। ଏଥିରୁ ଜଣାପଡ଼େ ଯେ ସମ୍ବିଧାନ ପ୍ରଣେତାମାନେ ନିର୍ବାଚନ ଆୟୋଗର ନିରପେକ୍ଷତା ବିଷୟରେ ସଚେତନ ଥିଲେ। ଏହି ରାୟରେ ସୁପ୍ରିମକୋର୍ଟ ଏ ସଂକ୍ରାନ୍ତୀୟ ସମ୍ବିଧାନ ସଭାରେ ହୋଇଥିବା ଆଲୋଚନା ସବୁର ବିସ୍ତୃତ ଆଲୋଚନା କରିଛନ୍ତି। ୧୯୮୯ ମସିହା ପର୍ଯ୍ୟନ୍ତ ଆୟୋଗରେ କେବଳ ମୁଖ୍ୟ ଆୟୁକ୍ତ ରହୁଥିଲେ। ମୁଖ୍ୟ ଆୟୁକ୍ତଙ୍କ ପାଇଁ ସମ୍ବିଧାନରେ ବିଶେଷ ପ୍ରାବଧାନ ରଖାଯାଇଥିଲା। ବର୍ତମାନ ମୁଖ୍ୟ ଆୟୁକ୍ତ ଛଡ଼ା ଆଉ ଦୁଇଜଣ ଆୟୁକ୍ତ ରହୁଛନ୍ତି। ବରିଷ୍ଠତମ ଆୟୁକ୍ତଙ୍କୁ ମୁଖ୍ୟ ଆୟୁକ୍ତ ଭାବରେ ନିଯୁକ୍ତି ଦିଆଯାଉଛି।

ସ୍ପଷ୍ଟତଃ, ସମ୍ବିଧାନରେ ନିର୍ବାଚନ ଆୟୋଗକୁ ରାଜନୈତିକ/ ସରକାରୀ ପ୍ରଭାବରୁ ମୁକ୍ତ ରଖିବାପାଇଁ ପ୍ରୟାସ କରାହୋଇଛି। ହେଲେ, ନିର୍ଦ୍ଦିଷ୍ଟ ପ୍ରାବଧାନ ସତ୍ୱେ ଏ ପର୍ଯ୍ୟନ୍ତ ଧାରା ୩୨୪(୨) ଅନ୍ତର୍ଗତ ଆଇନ୍ ପାସ ହୋଇପାରିନାହିଁ। ଟି.ଏନ.ଶେଷାନ ୧୯୯୦-୯୬ ଅବଧିରେ ମୁଖ୍ୟ ଆୟୁକ୍ତ ନିଯୁକ୍ତ ହୋଇଥିଲେ। ତା' ପୂର୍ବରୁ ସେ କ୍ୟାବିନେଟ ସଚିବ ଥିଲେ। ଧରାଯାଏ, ସରକାରଙ୍କ ସହ ମତଭେଦ ଯୋଗୁଁ ତାଙ୍କୁ ନିର୍ବାଚନ ଆୟୋଗକୁ ପଠାଯାଇଥିଲା। ପ୍ରକୃତରେ କହିଲେ, ଶେଷାନ୍ ଆସିବା ପୂର୍ବରୁ ନିର୍ବାଚନ ଆୟୋଗର ପ୍ରକୃତ କ୍ଷମତା ଜଣାପଡ଼ିନଥିଲା। ନିର୍ବାଚନ ଆୟୋଗ ଏକ ସାମ୍ବିଧାନିକ ସଂସ୍ଥା। ସାମ୍ବିଧାନିକ ସୁରକ୍ଷାପ୍ରାପ୍ତ ସଂସ୍ଥାର ମୁଖ୍ୟ ପଦରେ ଆସୀନ ହେବା ପରେ ଶେଷାନ ଆୟୋଗକୁ ଏକ ନୂଆ ରୂପ ପ୍ରଦାନ କଲେ। ତାଙ୍କର ଦକ୍ଷତା ଏବଂ ଦୂରଦର୍ଶିତା ଫଳରେ ଦେଶର ନିର୍ବାଚନ ପ୍ରକ୍ରିୟାରେ ବଡ଼ଧରଣର ପରିବର୍ତନ ଆସିଲା। ରାଜନୈତିକ ନେତାମାନେ ଭୟଭୀତ ହେଲେ। ପ୍ରଥମେ ୧୯୮୯ ମସିହାରେ ଏକାଧିକ ଆୟୁକ୍ତ ନିଯୁକ୍ତିର ପ୍ରୟାସ ହୋଇଥିଲା। ପରେ ତାହା ପ୍ରତ୍ୟାହାର କରାଯାଇଥିଲା। ୧୯୯୩ ମସିହାରେ ପ୍ରଥମେ ଅଧ୍ୟାଦେଶ (ଏବଂ ପରେ ଆଇନ ସଂଶୋଧନ) ମାଧ୍ୟମରେ ଦୁଇଜଣ ଆୟୁକ୍ତଙ୍କୁ ନିଯୁକ୍ତି ଦିଆଗଲା- ଏମ୍.ଏସ୍.ଗିଲ ଏବଂ ଜି.ଭି.ଜି.କୃଷ୍ଣମୂର୍ତି। ଧରାଯାଏ, ଶେଷାନଙ୍କ କ୍ଷମତା ଓ ପ୍ରଭାବକୁ କମ୍? କରିବାପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିଲା। ବର୍ତମାନ ବହୁ ଆୟୁକ୍ତ ବିଶିଷ୍ଟ ଆୟୋଗର ପରମ୍ପରା ଚାଲିଛି।

ଗତକିଛି ବର୍ଷରେ ନିର୍ବାଚନ ଆୟୋଗର ନିରପେକ୍ଷତା ଏବଂ ଆୟୁକ୍ତମାନଙ୍କ ନିଯୁକ୍ତିନେଇ ବିବାଦ ସୃଷ୍ଟି ହୋଇଛି। ଯା ଭିତରେ 'ନିର୍ବାଚନ ଆୟୋଗ (ଆୟୁକ୍ତଙ୍କ ସେବା ସର୍ତ ଏବଂ କାର୍ଯ୍ୟନିର୍ବାହ) ଆଇନ ୧୯୯୧' ନାମକ ଏକ ଆଇନ ପ୍ରଣୀତ ହେଲା। ଏହି ଆଇନର ଧାରା ୪ ଅନୁସାରେ ନିର୍ବାଚନ ଆୟୋଗର ମୁଖ୍ୟ ଏବଂ ଅନ୍ୟ ଆୟୁକ୍ତଙ୍କ କାର୍ଯ୍ୟକାଳ ଛ'ବର୍ଷ ପାଇଁ ନିର୍ଦ୍ଧାରିତ ହେଲା। ସେବା ବୟସ ସୀମା ୬୫ ବର୍ଷକୁ ନିର୍ଦ୍ଦିଷ୍ଟ କରାଗଲା। ଅର୍ଥାତ୍? ଛ' ବର୍ଷ ପୂର୍ବରୁ ୬୫ବର୍ଷ ବୟସ ହୋଇଗଲେ ସେବା ନିବୃତ ହେବାକୁ ପଡ଼ିବ। ଚିନ୍ତାଶୀଳ ବ୍ୟକ୍ତିମାନେ ଲକ୍ଷ୍ୟକଲେ ଯେ ଅନେକ ସମୟରେ ଆୟୁକ୍ତମାନେ ଛ' ବର୍ଷ କାର୍ଯ୍ୟକାଳ ପୂରଣ କରି ପାରୁନାହାନ୍ତି। ବାରମ୍ବାର ଆୟୁକ୍ତଙ୍କ ନିଯୁକ୍ତି ହେଉଛି। ଏହି ଅବସ୍ଥା ସନ୍ଦେହ ସୃଷ୍ଟି କଲା। ଏସବୁ କାରଣ ଯୋଗୁଁ ସମ୍ବିଧାନର ଧାରା ୩୨ ଅଧୀନରେ ସୁପ୍ରିମକୋର୍ଟରେ ରିଟ୍ ପିଟିସନ୍? ଦାଖଲ ହେଲା। ୨୦୧୫ ମସିହାରେ ପ୍ରଥମେ ଅନୁପ ବରନ୍‌ୱାଲ୍ ଏହି ପିଟିସନ୍ ଦାଖଲ କରିଥିଲେ। ଦୁଇ ଜଜ୍ ବିଶିଷ୍ଟ ଖଣ୍ଡପୀଠ ଏହା ଉପରେ ବିଚାର ଆରମ୍ଭ କଲେ। ବିଷୟର ଗୁରୁତ୍ୱ ଦୃଷ୍ଟିରୁ ଏହାକୁ ୨୦୧୮ ମସିହାରେ ସାମ୍ବିଧାନିକ ଖଣ୍ଡପୀଠକୁ ପ୍ରେରିତ କରାଗଲା। ୨୦୨୨ ମସିହାରେ ଆଉ ଦୁଇଟି ରିଟ୍ ଦାଏର ହେଲା। ଆବେଦନକାରୀମାନେ ଥିଲେ ପ୍ରଶାନ୍ତଭୂଷଣ, କାଳୀସ୍ୱରମ୍ ରାଜ୍, ଅଶ୍ୱିନୀ ଉପାଧ୍ୟାୟ ଏବଂ ଗୋପାଳ ଶଙ୍କର ନାରାୟଣ। ଖଣ୍ଡପୀଠର ବିଚାରପତିମାନେ ଥିଲେ କେ.ଏମ୍.ଜୋସେଫ, ଅନିରୁଦ୍ଧ ବୋଷ, ହୃଷୀକେଶ ରାୟ, ସିଟି ରବିକୁମାର ଏବଂ ଅଜୟ ରାସ୍ତୋଗୀ। ସବୁତକ ପିଟିସନକୁ ଏକା ସାଙ୍ଗରେ ବିଚାର କରି ଏହି ଖଣ୍ଡପୀଠ ୨।୩।୨୩ରିଖ ତାଙ୍କ ରାୟ ଶୁଣାଇଲେ। ପ୍ରଥମ ଚାରିଜଣ ନ୍ୟାୟାଧୀଶଙ୍କ ତରଫରୁ ବିଚାରପତି ଜୋସେଫ୍ ରାୟ ଲେଖିଲେ ଏବଂ ବିଚାରପତି ରାସ୍ତୋଗୀ ଅଲଗା ରାୟ ଲେଖିଲେ। ହେଲେ, ମୂଳ ରାୟରେ ସହମତି ଥିଲା। ଅର୍ଥାତ୍? ସର୍ବସମ୍ମତି କ୍ରମେ ପାସ୍ କରାଯାଇଥିବା ରାୟ। ନ୍ୟାୟାଧୀଶ ଯୋସେଫ୍?ଙ୍କ ଲିଖିତ ମୁଖ୍ୟ ରାୟର ପାରା ୫୨ (ପୃ.୭୨-୭୮)ରେ ବିଭିନ୍ନ ସମୟରେ ନିଯୁକ୍ତିପ୍ରାପ୍ତ ଆୟୁକ୍ତମାନଙ୍କ କାର୍ଯ୍ୟକାଳର ବିବରଣୀ ଲେଖା ହୋଇଛି। ପୃ୭୬-୭୮ରେ ଏକ ତାଲିକା ମାଧ୍ୟମରେ ୨୦୦୪ ମସିହାରୁ ଆଜିକାର ସମୟ ପର୍ଯ୍ୟନ୍ତ ଆୟୁକ୍ତମାନଙ୍କ କାର୍ଯ୍ୟକାଳର ସୂଚନା ଦିଆହୋଇଛି। ୧୫ଜଣଙ୍କ ଏହି ତାଲିକାରେ ଦେଖାଯାଏ କେହି ଛ'ବର୍ଷ କାମ କରି ନାହାନ୍ତି। ସବୁଠୁ କମ୍ ୨ବର୍ଷ ୮ମାସ ୭ଦିନ (ଅନୁପ ଚନ୍ଦ୍ର ପାଣ୍ଡେ, ଆୟୁକ୍ତ) ଏବଂ ସର୍ବାଧିକ ୫ ବର୍ଷ ୧୧ମାସ ୧୨ ଦିନ (ଏସ୍?ୱାଇ କୁରେଶୀ, ଆୟୁକ୍ତ; ଶେଷ ଦୁଇବର୍ଷ ୨୦୧୦-୧୨, ମୁଖ୍ୟ ଆୟୁକ୍ତ)। ଏହି ରାୟର ପାରା ୧୮୭ (ପୃ୨୩୦-୨୩୪)ରେ ଅରୁଣ ଗୋଏଲଙ୍କ ନିର୍ବାଚନ ଆୟୁକ୍ତ ଭାବେ ନିଯୁକ୍ତି ପ୍ରସଙ୍ଗ ବିଶେଷ ଭାବେ ଉଲ୍ଲେଖ କରାଯାଇଛି। ଆୟୁକ୍ତ ରାଜୀବ କୁମାରଙ୍କ ମୁଖ୍ୟ ଆୟୁକ୍ତ ପଦକୁ ଉନ୍ନୀତ ହେବା ପରେ ରିକ୍ତ ସ୍ଥାନ ପୂରଣ ନେଇ ସୁପ୍ରିମକୋର୍ଟରେ ଆସିଥିବା ପିଟିସନ୍ ବିଚାରାଧୀନ ଥିବା ସମୟରେ ଗୋଏଲଙ୍କୁ ହଠାତ୍ ଆୟୁକ୍ତ ଭାବରେ ନିଯୁକ୍ତି ଦିଆଗଲା। ସୁପ୍ରିମକୋର୍ଟ ସବୁତକ ସଂଶ୍ଳିଷ୍ଟ ଫାଇଲ ତଲବ କରି ଏବଂ ତୀକ୍ଷ୍ଣ ମନ୍ତବ୍ୟ ସହିତ ସବୁତକ ତଥ୍ୟ ରାୟରେ ବର୍ଣ୍ଣନା କରିଛନ୍ତି।

**ଶ୍ରୀକାନ୍ତ ଚାଟାର୍ଜୀ**

ଏହି ଏବଂ ଅନ୍ୟାନ୍ୟ ଉପଲବ୍ଧ ତଥ୍ୟ ସବୁକୁ ବିବେଚନା କରି ସୁପ୍ରିମ କୋର୍ଟଙ୍କ ହୃଦ୍‌ବୋଧ ହେଲା ଯେ ନିର୍ବାଚନ ଆୟୋଗର ସ୍ୱାଧୀନତା ଏବଂ ନିରପେକ୍ଷତା ବଜାୟ ରଖିବା ପାଇଁ ନ୍ୟାୟିକ ହସ୍ତକ୍ଷେପ ଆବଶ୍ୟକ। ସରକାରଙ୍କ ତରଫରୁ ଯୁକ୍ତି ସ୍ଥାପନ କରାଗଲା ଯେ 'ସେପାରେସନ୍ ଅଫ୍ ପାୱାର' (କ୍ଷମତାର ପୃଥକୀକରଣ)ର ସିଦ୍ଧାନ୍ତ ଅନୁସାରେ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକାର କାର୍ଯ୍ୟକ୍ଷେତ୍ର; ସ୍ପଷ୍ଟଭାବେ ନିରୂପିତ; ଏଣୁ କେହି ଅନ୍ୟ କାହାର କାର୍ଯ୍ୟ କ୍ଷେତ୍ରରେ ଦଖଲ ନେବା ଉଚିତ ନୁହେଁ। ସୁପ୍ରିମକୋର୍ଟ କାର୍ଯ୍ୟପାଳିକାର କାର୍ଯ୍ୟକ୍ଷେତ୍ରରେ ପ୍ରବେଶ କରିବାକୁ ଚେଷ୍ଟା କରୁଛନ୍ତି। ଏହା ଅନୁଚିତ। ସୁପ୍ରିମକୋର୍ଟଙ୍କ ରାୟ ହେଲା, ନିର୍ଦ୍ଦିଷ୍ଟ ପ୍ରାବଧାନ ସତ୍ୱେ ଧାରା ୩୨୪(୨) ଅଧୀନରେ ଏ ପର୍ଯ୍ୟନ୍ତ ଆଇନ ପ୍ରଣୟନ ହେଲା ନାହିଁ। ବର୍ତମାନର ବ୍ୟବସ୍ଥାରେ ରାଷ୍ଟ୍ରପତିଙ୍କ ଦ୍ୱାରା ଚୟନର ଅର୍ଥ ହେଲା ସରକାରଙ୍କ ଚୟନ। ଏହା ନିରପେକ୍ଷ କହି ହେବନାହିଁ/ନିର୍ଦ୍ଦିଷ୍ଟ ଆଇନ୍ ଆୟୋଗର ନିରପେକ୍ଷତା ପାଇଁ ରକ୍ଷା କବଚର କାମ କରିବ। ଏଣୁ ସୁପ୍ରିମ କୋର୍ଟ ଏ ସଂକ୍ରାନ୍ତରେ ଏକ ନିର୍ଦ୍ଦେଶନାମା ଜାରି କରିବାର ନିଷ୍ପତି ନେଲେ। ସମ୍ବିଧାନର ଧାରା ୧୪୨ ଅଧୀନରେ ସୁପ୍ରିମକୋର୍ଟ ଏଭଳି ନିର୍ଦ୍ଦେଶନାମା ଜାରିକରି ପାରନ୍ତି ଏବଂ ଏହି ନିର୍ଦ୍ଦେଶନାମା ଆଇନର କାମ କରେ। ପାଠକଙ୍କୁ ବିନୀତ ନାରାୟଣ ମାମଲା (୧୯୯୭) ମନେଥିବ। କେନ୍ଦ୍ରୀୟ ସତର୍କତା ଆୟୋଗ (ସିଭିସି) ୧୯୬୪ ମସିହାରେ ଏକ ସରକାରୀ ଆଦେଶ (ଏକଜିକ୍ୟୁଟିଭ ଅର୍ଡର) ଜରିଆରେ ତିଆରି ହୋଇଥିଲା। ତେଣେ ସିବିଆଇର ଦକ୍ଷତା ଓ ନିରପେକ୍ଷତା ନେଇ ପ୍ରଶ୍ନ ସୃଷ୍ଟି ହେଉଥିଲା। ବିନୀତ ନାରାୟଣ ମାମଲାରେ ସୁପ୍ରିମକୋର୍ଟ ସମ୍ବିଧାନର ଧାରା ୧୪୨ ପ୍ରୟୋଗ କରି ସିଭିସିକୁ ଏକ ନ୍ୟାୟିକ ସ୍ଥିତି ପ୍ରଦାନ କଲେ ଏବଂ ସରକାରଙ୍କୁ ଏଥିପାଇଁ ଆଇନ୍ ପ୍ରଣୟନ କରିବାପାଇଁ ନିର୍ଦ୍ଦେଶ ଦେଲେ। ସୁପ୍ରିମକୋର୍ଟ ଆହୁରି କହିଲେ ଯେ ଉକ୍ତ ଆଇନ ପ୍ରଣୟନ ପର୍ଯ୍ୟନ୍ତ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଆଇନର କାମ କରିବ। ପରେ ୨୦୦୩ ମସିହାର ସିଭିସି ଆଇନ ପ୍ରଣୀତ ହେଲା। ଏହି ରାୟରେ ସୁପ୍ରିମକୋର୍ଟ ସିବିଆଇର ନିର୍ଦ୍ଦେଶକ (ତଥା ପୁଲିସ, ଇଡି ଇତ୍ୟାଦି) ନିଯୁକ୍ତି ପାଇଁ ନିୟମାବଳି ସ୍ଥିର କଲେ। ସିବିଆଇ ନିର୍ଦ୍ଦେଶକଙ୍କ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ, ଲୋକସଭାରେ ବିରୋଧୀ ଦଳର ନେତା ଏବଂ ସୁପ୍ରିମକୋର୍ଟର ମୁଖ୍ୟ ନ୍ୟାୟାଧୀଶଙ୍କୁ ନେଇ ଗଠିତ ଏକ କମିଟିର ସୁପାରିସ କ୍ରମେ ସରକାର ନିଯୁକ୍ତି ଆଦେଶ ଜାରି କରିବେ। ଅନୁରୂପ ପ୍ରାବଧାନ ଲୋକାୟୁକ୍ତ ନିଯୁକ୍ତି ପାଇଁ ମଧ୍ୟ ପ୍ରଯୁଜ୍ୟ। ସେହିଭଳି ଗୋସ୍ୱାମୀ କମିଟି ରିପୋର୍ଟ (୧୯୯୦), କେନ୍ଦ୍ରୀୟ ଆଇନ ଆୟୋଗର ୨୫୫ତମ ରିପୋର୍ଟ ଏବଂ ସ୍ୱୟଂ ନିର୍ବାଚନ କମିସନ ନିର୍ବାଚନ ଆୟୋଗରେ ଆୟୁକ୍ତଙ୍କ ନିଯୁକ୍ତି ପାଇଁ ପ୍ରାୟ ଅନୁରୂପ ବ୍ୟବସ୍ଥା ସୁପାରିସ କରିଛନ୍ତି। ଏସବୁ ରିପୋର୍ଟକୁ ଭିତିକରି ସୁପ୍ରିମ୍‌କୋର୍ଟ ତାଙ୍କ ରାୟରେ ନିର୍ଦ୍ଦେଶ ଦେଲେ ଯେ ଏଣିକି ନିର୍ବାଚନ ଆୟୋଗର ମୁଖ୍ୟ/ ଆୟୁକ୍ତଙ୍କ ଚୟନ ପାଇଁ ଏକ କମିଟି ଗଠିତ ହେବ। କମିଟିର ସଦସ୍ୟମାନେ ହେଲେ ପ୍ରଧାନମନ୍ତ୍ରୀ, ବିରୋଧୀଦଳ ନେତା (ନ ହେଲେ ସବୁଠୁ ବଡ଼ ବିରୋଧୀ ଗୋଷ୍ଠୀର ନେତା) ଏବଂ ସୁପ୍ରିମ୍‌କୋର୍ଟର ମୁଖ୍ୟ ନ୍ୟାୟାଧୀଶ। ଏହି କମିଟିର ସୁପାରିସ ଅନୁସାରେ ସରକାର ଆୟୁକ୍ତ/ ମୁଖ୍ୟ ଆୟୁକ୍ତ ନିଯୁକ୍ତି କରିବେ। ସରକାର ଧାରା ୩୨୪(୨) ଅନୁସାରେ ଆଇନ ପ୍ରଣୟନ କରିବେ। ଆଇନ ପ୍ରଣୟନ ନ ହେଲା ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ହିଁ ଆଇନର କାମ କରିବ। ଆଇନ୍ ପ୍ରଣୟନ ନିଶ୍ଚିତ ଭାବେ ବ୍ୟବସ୍ଥାପିକାର କାମ। ଏହି ନିର୍ଦ୍ଦେଶନାମା ଏକ ମଧ୍ୟବର୍ତୀକାଳୀନ ପଦକ୍ଷେପ।

ଉପସଂହାରକୁ ଆସିବା, ଏକ ସୁସ୍ଥ ଗଣତନ୍ତ୍ରପାଇଁ ଆବଶ୍ୟକ ଏକ ସୁସ୍ଥ ଓ ସବଳ ନିର୍ବାଚନ ଆୟୋଗ। ଏହି ରାୟରେ ସୁପ୍ରିମକୋର୍ଟ 'ଏକ ପ୍ରଚଣ୍ଡ ଭାବେ ସ୍ୱାଧୀନ, ନିଷ୍ପାପର (ଅନେଷ୍ଟ), ଦକ୍ଷ ଏବଂ ନିରପେକ୍ଷ' ନିର୍ବାଚନ ଆୟୋଗର ମୌଳିକ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। (ପାରା ୧୬୫,ପୃ.୨୦୫)। ଛ' ବର୍ଷର ସୀମା ସତ୍ୱେ ବାରମ୍ବାର କମ୍ ଅବଧି ଥିବା ବ୍ୟକ୍ତିଙ୍କୁ ନିଯୁକ୍ତି ଦେବା, ନିର୍ବାଚନ ଆୟୋଗର ନିରପେକ୍ଷତା ଉପରେ ସନ୍ଦେହ ସୃଷ୍ଟି ହେବା, ଅରୁଣ ଗୋଏଲ ଘଟଣା, ଧାରା ୩୨୪ (୨) ଅନୁସାରେ ଆଇନ ପ୍ରଣୟନ ନ ହେବା ଇତ୍ୟାଦି ସମ୍ବିଧାନର ରକ୍ଷକ ଭାବେ ସୁପ୍ରିମକୋର୍ଟଙ୍କୁ ଚିନ୍ତାଗ୍ରସ୍ତ କଲା। ଗଣତନ୍ତ୍ରର ମୂଳଦୁଆ-ଗୁପ୍ତ ଓ ଅବାଧ ନିର୍ବାଚନକୁ ଜୀବନ୍ତ ରଖିବାକୁ ହେଲେ ନିର୍ବାଚନ ଆୟୋଗର ସ୍ୱାଧୀନତାକୁ ବଂଚାଇ ରଖିବାକୁ ପଡ଼ିବ। ଆଲୋଚ୍ୟ ରାୟ ଏ ଦିଗରେ ସୁପ୍ରିମକୋର୍ଟଙ୍କ ଏକ ବଳିଷ୍ଠ ପଦକ୍ଷେପ।



## ‘ପୁଷ୍ପା’ର ଆଡଲ୍ଟ ସିନ୍‌କୁ ନେଇ ଦର୍ଶକ ଥିଲେ ନାରାଜ

# ନିର୍ମାତା ନେଲେ ଏପରି ନିଷ୍ପତ୍ତି

ଅଲ୍ଲୁ ଅର୍ଜୁନ ଏବଂ ରଶ୍ମିକା ମନ୍ଦନାଙ୍କ ଅଭିନୀତ ‘ପୁଷ୍ପା’ କେବଳ ଦର୍ଶକଙ୍କ ହୃଦୟ ଜିତିବାରେ ସଫଳ ହୋଇନାହିଁ ବରଂ ବକ୍ସ ଅଫିସରେ ମଧ୍ୟ କମାଲ କରିଛି। ଯେଉଁଥିରେ ତିନି ଦିନ ମଧ୍ୟରେ ୨୦୦ କୋଟି ଟଙ୍କା ବ୍ୟବସାୟ କରାଯାଇଛି। ଡିସେମ୍ବର ୭ ରେ ୫ ଟି ଭାଷାରେ ମୁକ୍ତିଲାଭ କରିଥିବା ଫିଲ୍ମର ପ୍ରତ୍ୟେକ ଚରିତ୍ରକୁ ଦର୍ଶକମାନେ ପ୍ରଶଂସା କରୁଛନ୍ତି। ଏହି ଫିଲ୍ମର ହିନ୍ଦୀ ଭର୍ସନ ଦେଖି ଉତ୍ତର ଭାରତର ଲୋକମାନେ ମଧ୍ୟ ଅଲ୍ଲୁ ଅର୍ଜୁନ, ରଶ୍ମିକା ମନ୍ଦନା ଏବଂ ସାମନ୍ଥାଙ୍କ ଅଭିନୟକୁ ନେଇ ବହୁତ ପ୍ରତିକ୍ରିୟା ଦେଉଛନ୍ତି। କିନ୍ତୁ ଏଥିମଧ୍ୟରେ ନିର୍ମାତାଙ୍କୁ ଏକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଛି। କାରଣ ଏହି ଫିଲ୍ମରେ ଏକ ଆଡଲ୍ଟ ସିନ୍ ରହିଛି। ଯାହାକୁ ପରିବାର ସହିତ ବସି ଦେଖାଯାଇପାରିବ ନାହିଁ। ଆଡଲ୍ଟ ସିନ୍ ହେତୁ ଏହି ଫିଲ୍ମକୁ ନେଇ ଅନଲାଇନ୍ ବିବାଦ ଉପୁଜିଛି। ଏହା ସେହି ସିନ୍ ଯେଉଁଠାରେ ଶ୍ରୀବଲ୍ଲୀଙ୍କ ଚରିତ୍ରରେ ରଶ୍ମିକା ମନ୍ଦନା ପୁଷ୍ପା ରାଜ ଅର୍ଥାତ୍ ଅଲ୍ଲୁ ଅର୍ଜୁନଙ୍କ ପ୍ରତି ନିଜର ଭାବନା ପ୍ରକାଶ କରନ୍ତି। ଏହି ସିନରେ ପୁଷ୍ପା ରାଜ ପ୍ରେମୀକା ଶ୍ରୀବଲ୍ଲୀଙ୍କ ଛାତିକୁ ଟଚ୍ କରିଥିବାର ନଜର ଆସିଛନ୍ତି। ଏହା କୁହାଯାଉଛି ଯେ ବର୍ତ୍ତମାନ ଫିଲ୍ମ ନିର୍ମାତା ପୁଷ୍ପାର ସିନକୁ ହଟାଇବାକୁ ନିଷ୍ପତ୍ତି ନେଇଛନ୍ତି। କାରଣ ଏହା ଆଡଲ୍ଟ ରେଟେଡ୍ କଣ୍ଟେଣ୍ଟ୍ ଏବଂ ଏହା ପ୍ରେକ୍ଷାଳୟରେ ଫିଲ୍ମ ଦେଖିବା ସମୟରେ ପରିବାର ଦର୍ଶକଙ୍କୁ ଅସହଜ କରିପାରେ। ଏହା ମଧ୍ୟ କୁହାଯାଉଛି ଯେ ପୁଷ୍ପାର ତିନି ଘଣ୍ଟା ସମୟ ହେତୁ ଫିଲ୍ମର ଆଉ କିଛି ସିନ୍ ଛୋଟ ହୋଇପାରେ।

## ଦୀପାବଳି ରାତିରେ ୫ ଜୀବଜନ୍ତୁ ଦେଖିବା ହୋଇଥାଏ ଶୁଭ

## ନଜର ଆସିଲେ ହୋଇପାରନ୍ତି ମାଲାମାଲ୍



ହିନ୍ଦୁ ଧର୍ମରେ ଦୀପାବଳିର ଅନେକ ମହତ୍ତ୍ୱ ଅଛି। ଦୀପାବଳି ପର୍ବ ଲଗାତାର ୫ ଦିନ ଯାଏଁ ପାଳନ କରାଯାଇଥାଏ। ଦୀପାବଳି ପାଇଁ ବହୁତ ଦିନ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥାଏ। ଦୀପାବଳି ଦିନ ମା’ ଲକ୍ଷ୍ମୀ ଘରେ ପ୍ରବେଶ କରନ୍ତି ବୋଲି କୁହାଯାଏ। ମା’ ସ୍ୱାଗତ ପାଇଁ ଲୋକେ ଘର ସଫାସୁତୁରା କରିଥାନ୍ତି। ଦୀପାବଳିକୁ ନେଇ ଶକୁନ ଶାସ୍ତ୍ରରେ ମଧ୍ୟ କିଛି କଥା ପ୍ରଚଳିତ ଅଛି।ସବୁବେଳେ ନଜର ଆସୁଥିବା କିଛି ଜୀବଜନ୍ତୁ ଦୀପାବଳି ଦିନ ନଜର ଆସିଲେ ବହୁତ ଶୁଭ ହୋଇଥାଏ ବୋଲି କୁହାଯାଏ। ଏହା ମା’ଏ ଲକ୍ଷ୍ମୀଙ୍କ ଆଗମନର ସଂକେତ ଦେଇଥାଏ ବୋଲି କୁହାଯାଏ। ଏହାଦ୍ୱାରା ବର୍ଷ ସାରା ଘରେ ସୁଖ-ସମୃଦ୍ଧି ଓ ଧନ ସମ୍ପତ୍ତି ରହିଥାଏ। ଦୀପାବଳି ରାତିରେ କେଉଁ ଜୀବଜନ୍ତୁ ଦେଖିବା ଶୁଭ ଆସନ୍ତୁ ଜାଣିବା। ପେଚା – ଦୀପାବଳି ରାତିରେ ପେଚା ଦେଖିଲେ ବହୁତ ଶୁଭ ହୋଇଥାଏ ବୋଲି କୁହାଯାଏ। ପେଚାକୁ ମା’ ଲକ୍ଷ୍ମୀଙ୍କ ବାହନ ବୋଲି କୁହାଯାଏ। ଦୀପାବଳି ରାତିରେ ପେଚା ଦେଖିଲେ ଘରେ ସୁଖ ସମୃଦ୍ଧି ବାସ କରିଥାଏ। ଚୁଚୁନ୍ଦ୍ରା – ଚୁଚୁନ୍ଦ୍ରା ଦେଖିଲେ ବହୁତ ଅସନା ଲାଗେ। କିନ୍ତୁ ଦୀପାବଳି ରାତିରେ ଚୁଚୁନ୍ଦ୍ରା ଦେଖିବା ଶୁଭ ହୋଇଥାଏ। ଦୀପାବଳିରେ ଚୁଚୁନ୍ଦ୍ରା ଦେଖିଲେ ଘରେ କେବେ ଧନ ସମ୍ପତ୍ତି ଅଭାବ ରହେ ନାହିଁ ବୋଲି କୁହାଯାଏ। ବିଲେଇ – ଦୀପାବଳି ରାତିରେ ବିଲେଇ ଦେଖିବା ବହୁତ ଶୁଭ କୁହାଯାଏ। ଦୀପାବଳି ପୂଜା ପରେ ଘରେ କିମ୍ବା ଆଖପାଖ ସ୍ଥାନରେ କେଉଁଠି ବି ବିଲେଇ ନଜର ଆସିଲେ ମା’ ଲକ୍ଷ୍ମୀଙ୍କ ଆଗମନ ସୂଚନା

## ସକାଳୁ ପିଅନ୍ତୁ ଜୁଆଣି ପାଣି



ଜୁଆଣି ଖାଇବା ପେଟ ପାଇଁ ବହୁତ ଭଲ। ଜୁଆଣି ପାଣି ପିଇବା ଦ୍ୱାରା ଗ୍ୟାସ୍, ବଦହଜମି, ପେଟ ଯନ୍ତ୍ରଣା ଏବଂ କୋଷ୍ଠକାଠିନ୍ୟ ଦୂର ହୋଇପାରିବ। ଜୁଆଣି ଆୟୁର୍ବେଦିକ ଗୁଣରେ ପରିପୂର୍ଣ୍ଣ ବୋଲି କୁହାଯାଏ। ଜୁଆଣି ପାଇଁ ସେବନ ଦ୍ୱାରା ଓଜନ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ। ଜୁଆଣିରେ ପ୍ରୋଟିନ୍, ଫ୍ୟାଟ, ମିନେରାଲ୍ସ, ଫାଇବର ଏବଂ କାର୍ବୋହାଇଡ୍ରେଟ୍ ଅଛି। ଏହା ବ୍ୟତୀତ କ୍ୟାଲସିୟମ୍, ଥିଏମାଇନ୍, ରାଇବୋଫ୍ଲାଭିନ, ଫସଫରସ୍, ଆଇରନ୍ ଏବଂ ନିୟାସିନ୍ ମଧ୍ୟ ରହିଛି।

## ଏହି ଖାଦ୍ୟ ଖାଇଲେ ପୂରଣ ହେବ ଭିଟାମିନ୍ ଅଭାବ



ଶରୀରର ଗଠନ କିମ୍ବା ବିକାଶ ପାଇଁ ଆବଶ୍ୟକ ହୋଇଥାଏ ଭିଟାମିନ୍ । କିନ୍ତୁ ଶରୀରରେ ଭିଟାମିନ୍ ଅଭାବରେ ଥକ୍କା କିମ୍ବା ହାଲିଆ ଲାଗିବା ସହ ଅନେକ ପ୍ରକାର ସମସ୍ୟା ଦେଖାଯାଇଥାଏ । ତେବେ ଆସନ୍ତୁ ଜାଣିବା କେଉଁ ଖାଦ୍ୟ ଖାଇବା ଦ୍ୱାରା ଭଟାମିନ୍ ଅଭାବକୁ ପୂରଣ କରାଯାଇପାରେ। ସୁଷମ ଖାଦ୍ୟ: ଶରୀରରେ ଭିଟାମିନ୍ ର ଅଭାବ ପୂରଣ ପାଇଁ ପ୍ରତିଦିନ ସୁଷମ ଖାଦ୍ୟ ଖାଇବା ଜରୁରୀ ହୋଇଥାଏ । ଶରୀରରେ ଭିଟାମିନ୍ ଏ ର ଅଭାବ ପୂରଣ କରିବା ପାଇଁ ଅଣ୍ଡା, ସବୁଜ ପନିପରିବା, ଗାଜର ଏବଂ ଫଳ ଖାଇବା ଉଚିତ୍ । ଭିଟାମିନ୍ ବି ର ଅଭାବ ପୂରଣ କରିବା ପାଇଁ ବାଦାମ, ମକା, ଚଣା ନଡ଼ିଆ ଆଦି ଖାଦ୍ୟ ଖାଇବା ଦରକାର। ଅଁଳା, ନାରଙ୍ଗୀ, ଲେମ୍ବୁ, କମଳା, ଅଙ୍ଗୁର, ଟମାଟୋ ଆଦିରୁ ଭିଟାମିନ୍ ସି ମିଳିଥାଏ ଭିଟାମିନ୍ ସି ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଏହା ଛଡ଼ା ଡାଲି ମଧ୍ୟ ଭିଟାମିନ୍ ସିର ଭଲ ଉତ୍ସ । ଭିଟାମିନ୍ ଡି ପାଇବା ପାଇଁ ସବୁଠାରୁ ଭଲ ଉତ୍ସ ହେଉଛି ସୂର୍ଯ୍ୟ କିରଣ । ଖରାରେ ବସିବା ଦ୍ୱାରା ଭିଟାମିନ୍ ଡି ଅଭାବ ପୂରଣ ହୋଇଥାଏ ।

## ଖାଦ୍ୟରେ ସାମିଲ କରନ୍ତୁ ଏହି ପାନୀୟ

ଓଜନ ବୃଦ୍ଧି ଏବଂ ଅତ୍ୟଧିକ ମୋଟାପଣ ଆଜିକାଲି ସମସ୍ତଙ୍କ ପାଇଁ ସମସ୍ୟା ପାଲଟିଛି। ମୋଟାପଣ କେବଳ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ପ୍ରଭାବ ପକାଇନଥାଏ, ବରଂ ଏହା ଉଚ୍ଚ ରକ୍ତଚାପ, ହୃଦ ରୋଗ, ମଧୁମେହ, ଉଚ୍ଚ କୋଲେଷ୍ଟ୍ରଲ ପରି ଅନେକ ଗୁରୁତର ରୋଗକୁ ବଢାଇଥାଏ । ତେଣୁ, ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମୋଟାପଣରୁ ମୁକ୍ତି ପାଇବା ପାଇଁ ଭଲ ଖାଦ୍ୟ ଏବଂ ପାନୀୟ ସହିତ ବ୍ୟାୟାମ କରିବାକୁ ପରାମର୍ଶ ଦେଇଥାନ୍ତି । କିନ୍ତୁ ସମସ୍ତ ପ୍ରୟାସ ସତ୍ତ୍ୱେ ଯଦି ଆପଣ ବ୍ୟାୟାମ ପାଇଁ ସମୟ ପାଇ ପାରୁ ନାହାଁନ୍ତି ତେବେ ଆପଣଙ୍କର ଦୈନନ୍ଦିନ ଖାଦ୍ୟରେ ଏହି ୪ଟି ପାନୀୟକୁ ଅନ୍ତର୍ଭୁକ୍ତ କରନ୍ତୁ।



### ଅଦା ଚା’

ନ୍ୟୁଟ୍ରିସ୍ ନିଷ୍ଟ ଏବଂ ୱେଲନେସ୍ ଏକ୍ସପର୍ଟ ବରୁଣ କାତ୍ୟାଲଙ୍କ ଅନୁଯାୟୀ, ଅଦା ଚା ନିୟମିତ ପିଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରଣ ହେବା ସହ ଭୋକ କମିଯାଇଥାଏ। ଏହା ମସ୍ତିଷ୍କକୁ ପେଟ ପୂର୍ଣ୍ଣ ରଖିବାର ଏକ ସଙ୍କେତ ପଠାଏ, ଯେଉଁ କାରଣରୁ ଶରୀରରେ ତୃପ୍ତି ହରମୋନ୍ ସ୍ରାବ ହୋଇଥାଏ ଏବଂ ବ୍ୟକ୍ତି ଅତ୍ୟଧିକ ଖାଇବା ଠାରୁ ଦୂରେଇ ରହିଥାଏ।

### କାକୁଡି ଏବଂ ଲାଉ ଜୁସ୍

ଉଭୟ କାକୁଡି ଏବଂ ଲାଉରେ କ୍ୟାଲୋରୀ ଖୁବ୍ କମ୍ ଏବଂ ଫାଇବର ଅଧିକ ମାତ୍ରାରେ ରହିଥାଏ । କାକୁଡିରେ ୯୦ ପ୍ରତିଶତ ଜଳ ଥାଏ। ଏହା ଚର୍ବିକୁ ହ୍ରାସ କରିଥାଏ। ସେହିପରି ଲାଉ ଜୁସ୍‌ରେ ଆଣ୍ଟି-ଓବେସିଟି ଗୁଣ ରହିଥାଏ, ଯାହା ମୋଟାପଣ ହ୍ରାସ କରିବାର ସହାୟକ ହୋଇଥାଏ ।

### ସୋୟା ମିଲ୍କ

ସୋୟା କ୍ଷୀରରେ ଥିବା ଆଲକାଲଏଡ ନାମକ ଉପାଦାନ ଜଙ୍ଘରେ ଥିବା ଚର୍ବିକୁ ଶୀଘ୍ର ହ୍ରାସ କରିବାରେ ସହାୟକ ହୋଇଥାଏ। ତେଣୁ ଯେଉଁମାନେ ଓଜନ ହ୍ରାସ କରିବାକୁ ଇଚ୍ଛା କରନ୍ତି ସେମାନଙ୍କ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ ବୋଲି ବିବେଚନା କରାଯାଏ।

## ଜାଣନ୍ତୁ ପୋଟଳ ଖାଇବାର ଲାଭ

ଆମ ଦେଶର ବଜାରରେ ମିଳୁଥିବା ସବୁଜ ପନିପରିବା ମଧ୍ୟରେ ପୋଟଳ ଅନ୍ୟତମ ଓ ସବୁଠୁ ଅଧିକ ଲୋକପ୍ରୀୟ। ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ତରକାରୀ ସାଙ୍ଗକୁ ଏହା ଭଜା ମଧ୍ୟ ଅନେକଙ୍କୁ ଭଲ ଲାଗିଥାଏ। ପୋଟଳ ରସା କଥା କହିଲେ ଲୋକଙ୍କ ପାଟିରୁ ଲାଳ ବୋହି ପଡେ। ତେବେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ପୋଟଳ କେବଳ ଏକ ପରିବା ନୁହେଁ ଏହାର ଔଷଧିୟ ଗୁଣ ମଧ୍ୟ ରହିଛି। ଆସନ୍ତୁ ଜାଣିବା ପୋଟଳର ଏହି ସବୁ ଔଷଧିୟ ଗୁଣ ସମ୍ପର୍କରେ। ପୋଟଳ ପାଚନ ସମ୍ବନ୍ଧିତ ବେମାରୀରୁ ଆମକୁ ମୁକ୍ତ ରଖିଥାଏ। ଏହାର ମଞ୍ଜିରେ ଥିବାଏକ ବିଶେଷ ତତ୍ତ୍ୱ ପେଟ ସଫା ରଖିବାରେ ସହାୟକ ହେବା ସହ ପେଟର ଜାବତୀୟ ଗୋଳମାଳ ଦୂର କରିଥାଏ। ଏଣୁ ଖାଦ୍ୟରେ ନିୟମିତ ପୋଟଳ ବ୍ୟଞ୍ଜନ ଖାଇଲେ ଆପଣଙ୍କ ପେଟ ସମ୍ପର୍କିତ ସମସ୍ୟା ଦୂର ହୋଇଥାଏ। କେବଳ ପେଟର ସମସ୍ୟା ନୁହେଁ ଶରୀରର ଓଜନ ହ୍ରାସରେ ମଧ୍ୟ ପୋଟଳ ବେଶ ସହାୟକ ହୁଏ। ଖାଦ୍ୟରେ ପୋଟଳ ଆପଣଙ୍କ ଭୋକକୁ ନିୟନ୍ତ୍ରିତ କରିବାସହ ପେଟ ପୁରା ରହିବା ପରି ଲାଗେ। ଏହା ଛଡା ଏଥିରେ କ୍ୟାଲୋରୀ କମ ଥିବାରୁ ଆପଣଙ୍କ ସ୍ୱାସ୍ଥ୍ୟ ଏବଂ ଓଜନ ହ୍ରାସରେ ସହାୟକ ହୁଏ। ନିୟମିତ ପୋଟଳ ଖାଇବା ଆପଣଙ୍କ ରକ୍ତକୁ ସଫା ରଖିଥାଏ। ଏଣୁ ରକ୍ତ ବିକାର ଜନିତ ସମସ୍ୟାରୁ ଆପଣ ମୁକ୍ତ ରହିଥାନ୍ତି। ଆମ ଦେଶରେ ପୋଟଳ ଏକ ଖରାଦିନିଆ ପରିବା। ଏଣୁ ଖରା ଦିନେ ପୋଟଳ ଖାଇବା ଦ୍ୱାରା ଦେହରେ ବଥ, ବ୍ରଣ ଭଳି ସମସ୍ୟା ଉପୁଜି ନଥାଏ। ଆୟର୍ବେଦ ଅନୁସାରେ ପୋଟଳ କଫନାସକ। ଏଣୁ ଖାଦ୍ୟରେ ପୋଟଳ ଖାଇବା ଦ୍ୱାରା ଆମର କଫ ସ୍ୱଥଆଦି ମଧ୍ୟ ଦୂର ହୋଇଥାଏ।





### ଷ୍ଟଫଡ୍ ମସରୁମ୍

ଆବଶ୍ୟକ ସାମଗ୍ରୀ: ବଟମ ଛତୁ, କର୍ଣ୍ଣଫ୍ଲୋର, ବେସନ, ହଳଦୀ ଗୁଣ୍ଡ, ଗରମ ମସଲା, ଦହି, ଲୁଣ, ତେଲ, କଟା କଞ୍ଚା ଲଙ୍କା, କଟା ପିଆଜ, ପନିର କୋରା, ଶୁଖିଲା ଲଙ୍କା, ଗୁଣ୍ଡ, କଟା କ୍ୟାପସିକମ, ଗୋଲମରିଚ ଗୁଣ୍ଡ ଓ ମକା ଓ ବ୍ରେଡକର୍ଣ୍ଣ

### ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ବଟମ ଛତୁକୁ ଭଲ ଭାବରେ ଧୋଇ ରଖନ୍ତୁ। ପରେ ଛତୁର ଡେମ୍ଫକୁ ବାହାର କରି ଦିଅନ୍ତୁ। ଏହାପରେ ଏକ ପାତ୍ରରେ କର୍ଣ୍ଣଫ୍ଲୋର ନିଅନ୍ତୁ। ସେଥିରେ ବେସନ,ହଳଦୀ ଗୁଣ୍ଡ, ଗରମ ମସଲା, ଦହି, ଓ ଆବଶ୍ୟକ ଅନୁସାରେ ଲୁଣ ପକାଇ ଆଣ ପ୍ରସ୍ତୁତ କରନ୍ତୁ। ପରେ କରେଇରେ ତେଲ ଗରମ କରି ପ୍ରଥମେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜଟି ଟିକେ ଭାଜି ହେବାପରେ ସେଥିରେ କଟା କ୍ୟାପସିକମ, ପନିର କୋରା, କଟା କଞ୍ଚା ଲଙ୍କା, ଲଙ୍କା ଗୁଣ୍ଡ, ଗୋଲମରିଚ ଗୁଣ୍ଡ ଓ ମକା ପକାନ୍ତୁ। ଏହାକୁ କିଛି ସମୟ ଭଲ ଭାବରେ ଭାଜନ୍ତୁ। ଏହା ଭାଜି ହେବା ପରେ ମସଲାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଏହାପରେ ବଟମ ଛତୁ ଭିତରେ ମସଲାକୁ ପୂରାଇ ପ୍ରସ୍ତୁତ ଆଣରେ ବୁଡ଼ାନ୍ତୁ ଏବଂ ଏହାକୁ ବ୍ରେଡକର୍ଣ୍ଣରେ ଗୋଳାଇ ଛାଣନ୍ତୁ। ପ୍ରସ୍ତୁତ ହୋଇଗଲା ଷ୍ଟଫଡ୍ ମସରୁମ୍।

## କିଛି ଯୁବତୀ ସାରା ଜୀବନ ଏକା ରହିବାକୁ ପସନ୍ଦ କରିଥାନ୍ତି

କିଛି ଯୁବତୀ ଜୀବନ ସାରା ଏକା ରହିବାକୁ ଇଚ୍ଛା କରିଥାନ୍ତି । ଏହିଭଳି ନିଷ୍ପତ୍ତି ନେବାରେ ବିଭିନ୍ନ କାରଣ ଥାଇପାରେ । ଏମିତି ବହୁତ ଯୁବତୀ ଅଛନ୍ତି ଯେଉଁମାନେ କେଉଁ ଯୁବକକୁ ବାହା ନ ହୋଇ ଜୀବନ ସାରା ଏକା ରହିବାକୁ ଦୃଢ ନିଷ୍ପତ୍ତି ନେଇଥାନ୍ତି । ତେବେ କିଛି ଯୁବତୀ କାହିଁକି ଏହିଭଳି ନିଷ୍ପତ୍ତି ନେଇଥାନ୍ତି ଜାଣନ୍ତୁ ୧. କିଛି ଯୁବତୀଙ୍କୁ ସ୍ୱାଧୀନ ହୋଇ ବଞ୍ଚିବାକୁ ଇଚ୍ଛା କରିଥାନ୍ତି। ନିଜ ଜୀବନ ନିଜ ତରିକାରେ ନିଜ ଇଚ୍ଛାରେ ବିତେଇବା ପାଇଁ ସେମାନେ ମନସ୍ଥ କରି ବିବାହ ନ କରିବାକୁ ନିଷ୍ପତ୍ତି ନେଇଥାନ୍ତି । କାରଣ ସେମାନେ ଭାବିଥାନ୍ତି ଯେ, ବିବାହ ପରେ ତାଙ୍କର ସ୍ୱାଧୀନତା ଆଉ ରହିବ ନାହିଁ । ସେ ନିଜର ସ୍ୱାଧୀନତା ହରାଇ ବସିବେ । ତାଙ୍କୁ ତାଙ୍କ ଜୀବନ ନିଜ ସ୍ୱାମୀ ବା ଶାଶୁ ଘର ଲୋକଙ୍କ ଅନୁଯାୟୀ କାଟିବାକୁ ହେବ । ଏହି ଭୟରେ ସେମାନେ ବିବାହ ନ କରି ଏକା ରହିବ ପାଇଁ ନିଷ୍ପତ୍ତି ନେଇଥାନ୍ତି।



## କାକୁଡି ଓ ଟମାଟୋ ମିଶେଇ ଖାଇବା ଉଚିତ୍ ନୁହେଁ



କାକୁଡି ଓ ଟମାଟୋ ବିନା ସାଲାଡ଼ର କଳ୍ପନା ମଧ୍ୟ କରାଯାଇ ପାରିବ ନାହିଁ। ଶରୀର ପାଇଁ ସାଲାଡ଼ ବହୁତ ହିତକର। ବିଶେଷକରି ଗରମ ଦିନରେ ସାଲାଡ଼ ବହୁତ ଉପାଦେୟ । ପ୍ରତିଦିନ ଭୋଜନରେ ସାଲାଡ଼ ଖାଇଲେ ଶରୀର ସୁସ୍ଥ ରହେ। ତେବେ ଆପଣ ଜାଣିଛନ୍ତି ସାଲାଡ଼ର ପ୍ରଭାବ ପାଚନ ତନ୍ତ୍ର ଉପରେ ମଧ୍ୟ ପଡିପାରେ ସାଲାଡ଼ରେ କାକୁଡି, ପିଆଜ, ଟମାଟୋ, ମୂଳା ଆଦି ମିଶ୍ରଣ ଆକର୍ଷଣୀୟ ହୋଇଥାଏ। କିନ୍ତୁ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏହା ହାନିକାରକ । ବିଶେଷଜ୍ଞଙ୍କ କହିବାନୁଯାୟୀ, କାକୁଡିର ପୋଷାକ ତତ୍ୱ ରହିଛି ଯାହା ଶରୀରକୁ ହାଇଡ୍ରେଟେଡ଼ ରଖିଥାଏ । କାକୁଡିରେ ଏମିତି ଏକ ଗୁଣ ମଧ୍ୟ ରହିଛି ଯାହା ଭିଟାମିନ-ସି ଅବଶୋଷଣ ସହ ହସ୍ତକ୍ଷେପ କରିଥାଏ । ସେଥିପାଇଁ ଟମାଟୋ ଓ କାକୁଡିକୁ ଏକାସଙ୍ଗେ ଖାଇବାକୁ ବାରଣ କରାଯାଇଥାଏ । ଟମାଟୋ ଓ କାକୁଡି ଅଲଗା ଅଲଗା ଭାବେ ହଜମ ହୋଇଥାଏ ଯେଉଁଥିପାଇଁ ମିଶେଇ ଖାଇବାକୁ ବାରଣ କରାଯାଇଥାଏ ।

# ମାହାଙ୍ଗା ବିଇଓଙ୍କ କାରନାମା

## ସରକାରଙ୍କ ବିଚିତ୍ର ନୀତି : ଦୁର୍ନିତୀ କର ପଦୋନ୍ନତି ନିଅ ଓ ପୁଣି ସେହି ସ୍ଥାନରେ ଅବସ୍ଥାପିତ ହୁଅ

ମାହାଙ୍ଗା,୨୯/୧୧ (ନି.ପ୍ର): ବର୍ତ୍ତମାନ ରାଜ୍ୟ ସରକାର ଦୁର୍ନିତୀଗ୍ରସ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲା ବେଳେ ମାହାଙ୍ଗାରେ ଏହାର ଓଲଟା ପ୍ରଭାବ ପଡିଥିବା ଦେଖିବାକୁ ମିଳିଛି । ଏଠାରେ ସୂଚନା ଯୋଗ୍ୟ ଯେ ମାହାଙ୍ଗା ବ୍ଲକଶିକ୍ଷାଧିକାରୀଙ୍କର ବ୍ୟାପକ ଅନିୟମିତତା ତଥ୍ୟ ସୂଚନା ତଥ୍ୟ ଚିଠି ନଂ ୮୬୧ ତା ୨୪.୫.୨୦୨୪ରିଖରେ ଜଣାପଡିଥିଲା । ଏ ସଂପର୍କରେ ତା ୧୮.୭.୨୦୨୪ରିଖରେ ରାଜ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା । ସୂଚନା ତଥ୍ୟରୁ ବ୍ଲକଶିକ୍ଷାଧିକାରୀଙ୍କ ଟର ଭିଜିଟ୍ ପାଇଁ ବିଭିନ୍ନ ଗାଡି ନଂ ଦର୍ଶାଇ ମା' ତ୍ରିପୁରା ଫିଲିଂ ଷ୍ଟେସନ ଅଳିଯୋଡା କୁଆଁପାଳରୁ ତେଲପକାଇବା ନାମରେ ମିଥ୍ୟା ଭାଉଚର କରି ଅର୍ଥ ହଡପ କରିବା, ଏପରିକି ବିଭିନ୍ନ ଟ୍ରାଭେଲ୍ସରୁ ଗାଡି ଭଡାରେ ଆଣିବା, କଣ୍ଟିଜେନ୍ସି ବାବଦରେ ମିଥ୍ୟା ଭାଉଚରରେ ଅର୍ଥ ହଡପ କରିବା ସଂପର୍କୀତ ଅଭିଯୋଗ କରାଯାଇଥିଲା । ପେଟ୍ରୋଲ ଟାଙ୍କିରୁ ତେଲ ପକାଇବା ଭାଉଚର ନମ୍ବରରେ ତାଳମେଳ ନଥିଲା ବେଳେ ବିନା ଗାଡି ନମ୍ବରରେ ବି ତେଲ ପଡିଥିଲା ସୂଚନା ତଥ୍ୟରୁ ଜଣାପଡିଥିଲା । ଅଡିଟ୍ ସମୟରେ କିଭଳି ବ୍ଲକ ଶିକ୍ଷାଧିକାରୀଙ୍କ ଜାଲିଆତି ପଦାକୁ ଆସି ନଥିଲା ସେ ନେଇ ଅଭିଯୋଗ ମୁଖ୍ୟମନ୍ତ୍ରୀ ନିକଟରେ କରାଯାଇଥିଲା ବେଳେ ସୂଚନାତଥ୍ୟରୁ ପ୍ରଦାନରେ ବି ଶିକ୍ଷାବିଭାଗ ପଛଗୁଂଚା ଦେଇଥିବା ବେଳେ ସଂପୃକ୍ତ ବିଇଓଙ୍କର କିଭଳି ଭାବରେ ପଦୋନ୍ନତି କରାଗଲା ସେ ନେଇ ରାଜ୍ୟ ସରକାରଙ୍କର ଶିକ୍ଷା ବିଭାଗର ବିଚିତ୍ର ନୀତି ଏବେ ମାହାଙ୍ଗାରେ ଚର୍ଚ୍ଚା ହେଉଛି । ଜାଲିଆତିର ଗଦାଗଦା ଦସ୍ତାବିଜ୍ ଥିଲା ବେଳେ କାହା ସ୍ୱାର୍ଥରେ ତଦନ୍ତ କରାଗଲା ନାହିଁ । ସଂପୃକ୍ତ ବିଇଓଙ୍କୁ ଘଣ୍ଟ ଘୋଡାଉଛି କିଏ? ଏ ନେଇ ମାହାଙ୍ଗା ଅଂଚଳର ଜନସାଧାରଣଙ୍କ ପକ୍ଷରୁ କଟକ ଜିଲ୍ଲାପାଳ,ନିର୍ଦ୍ଦେଶକ ପ୍ରାଥମିକ ଶିକ୍ଷା ବିଭାଗ,ଓଡ଼ିଶା,ଭୁବନେଶ୍ୱରଙ୍କୁ ଲିଖିତ ଅଭିଯୋଗ କରାଯାଇଛି । ଗଣମାଧ୍ୟମରେ ବାରମ୍ବାର ମାହାଙ୍ଗା ବ୍ଲକର ଶିକ୍ଷାଧିକାରୀଙ୍କ ବିରୁଦ୍ଧରେ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ ପାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏପରିକି ପୁର୍ନବାର ରାଜ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀ ନିକଟରେ ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀଙ୍କ ବିରୁଦ୍ଧରେ ତଦନ୍ତ କରାଯିବା ନିମନ୍ତେ ଡାକ ଯୋଗେ ଅଭିଯୋଗ ପତ୍ର ପଠାଯାଇଥିବା ଜଣାପଡିଛି । ପୂର୍ବ ସରକାର ଅମଳରୁ ସଂପୃକ୍ତ ବ୍ଲକ ଶିକ୍ଷାଧିକାରୀ ବିଭିନ୍ନ ସମୟରେ ଜାଲ୍ ଭାଉଚର ମାଧ୍ୟମରେ ଅର୍ଥ ହଡପ କରିବା ଅଭିଯୋଗ ହେଉଛି । ୬ବର୍ଷ ଧରି ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଗାଦିମାଡି ବସିଥିବା ଅଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗ ହେଉଥିଲେ ମଧ୍ୟ ତାହା ତଦନ୍ତ ପରିସରଭୁକ୍ତ ହେଉ ନଥିବା ଯୋଗୁ ମାହାଙ୍ଗା ଅଂଚଳର ବୁଦ୍ଧିଜୀବି ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି । ଏଣୁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ରାଜ୍ୟ ସରକାର ତୁରନ୍ତ ଏହି ଘଟଣାର ନିରପେକ୍ଷ ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେବା ସହିତ ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀଙ୍କୁ ତୁରନ୍ତ ଅନ୍ୟତ୍ର ବଦଳିକରିବାକୁ ସାଧାରଣରେ ଦୃଷ୍ଟି ଆକର୍ଷଣ କରାଯାଇଛି ।

## ବାଂଲାଦେଶୀ ଅନୁପ୍ରବେଶକାରୀ ବିରୋଧରେ ହିନ୍ଦୁ ମହାସଂଘ ପକ୍ଷରୁ ନବରଙ୍ଗପୁର ଏସପିଙ୍କୁ ଦାବିପତ୍ର ପ୍ରଦାନ



ନବରଙ୍ଗପୁର, ୨୯/୧୧ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲ୍ଲାରେ ଦିନକୁ ଦିନ ସନ୍ଦିଗ୍ଧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢୁଛି । ଆସନ୍ନ ବିପଦ ଓ ଆଶଙ୍କାକୁ ରୋକିବା ପାଇଁ ବାଂଲାଦେଶୀ ଅନୁପ୍ରବେଶକାରୀ ମାନଙ୍କୁ ବିତାଡିତ କରିବା ପାଇଁ ଆଜି ହିନ୍ଦୁ ମହାସଂଘ ପକ୍ଷରୁ ଏକ ଦାବିପତ୍ର ନବରଙ୍ଗପୁର ଏସପିଙ୍କୁ ପ୍ରଦାନ କରାଯାଇଛି । ଅବିଭକ୍ତ କୋରାପୁଟ ଜିଲ୍ଲା ସଭାପତି ଜଗନ୍ନାଥ ଶତପଥୀଙ୍କ ନେତୃତ୍ୱରେ ହିନ୍ଦୁ ମହାସଂଘର କାର୍ଯ୍ୟକର୍ତ୍ତା ମାନେ ମାଝୀଗୁଡା ସ୍ଥିତ ଏସପିଙ୍କ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ହିନ୍ଦୁ ମହାସଂଘ ପ୍ରମୁଖ ଜୟନ୍ତ କୁମାର ପାତ୍ର, ମାର୍ଗଦର୍ଶକ ମଣ୍ଡଳୀ ଅଧ୍ୟକ୍ଷ ସୌଭାଗ୍ୟ ବାବା, ରାଜ୍ୟ ସାଧାରଣ ସମ୍ପାଦକ ଉମାକାନ୍ତ ବିଷୟୀ, ମିଡ଼ିଆ ସଂଯୋଜକ ଗୋରା ହରିଜନ, ରଶ୍ମୀ ରଞ୍ଜନ ସିଦ୍ଧାଶ୍ରମର ପ୍ରମୁଖ ନିଳକଣ୍ଠ ପାଢ଼ୀ, ସାମାଜିକ ଗଣମାଧ୍ୟମ ପ୍ରଭାରୀ ମହେନ୍ଦ୍ର ପାତ୍ର, ଜିଲ୍ଲା ଯୁବ ହିନ୍ଦୁ ମହାସଂଘ ସଭାପତି ନିର୍ମଳ ବିଷୟୀ, ଅବିଭକ୍ତ କୋରାପୁଟ ଜିଲ୍ଲା ସାଧାରଣ ସଂପାଦକ ବିମଳ ପଟ୍ଟନାୟକ, ଚକ୍ର ହରିଜନ, ଯୁବ ହିନ୍ଦୁ ମହାସଂଘ ଜିଲ୍ଲା ଉପସଭାପତି ବିରାଜ ବସନ୍ତ ସାହୁ, ତେନ୍ତୁଳିଖୁଣ୍ଟି ବ୍ଲକ ସଭାପତି ରଘୁ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବାଲିଗୁଡା ଅନ୍ତର୍ଗତ ପରମପାଙ୍ଗା ଘାଟିରେ ଡକାୟତି - ବୁଲା ବିକାଳିଠୁ ୧୦ହଜାର ଟଙ୍କା ସମେତ ମୋବାଇଲ ଲୁଟ

ବାଲିଗୁଡା, ୨୯/୧୧ (ନି.ପ୍ର): ବାଲିଗୁଡା ଥାନା ଅନ୍ତର୍ଗତ ପରମପାଙ୍ଗା ଘାଟିରେ ଡକାୟତି ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଆଜି ଜଣେ ବୁଲା କମଳ ବିକାଳି ଠାରୁ ୧୦ହଜାର ସମେତ ତାର ପକେଟରୁ ସବୁ ନେଇଯାଇଛନ୍ତି । ଏହାକୁ ନେଇ ବୁଲା କମଳ ବିକାଳି ସେଲିମ ସେଖ ଡକାୟତି ହୋଇଥିବା ଅଭିଯୋଗ କରିଛନ୍ତି ଯେ, ଆଜି ନିଜ ବାଇକରେ କମଳ ଧରି ବିକ୍ରି କରିବାକୁ କୃତମଗଡ ଯାଇଥିଲେ । ବେପାର ସାରି ଫେରିବା ସମୟରେ ଗଦିରଙ୍ଗିଆ ଘାଟିରେ ୫ଜଣ ଯୁବକ ଅଟକାଇ ହଠାତ ମାଡମାରି ମୋବାଇଲ ଏବଂ କମଳ ବିକ୍ରି କରି ଆଣିଥିବା ୧୦ହଜାର ଟଙ୍କା ନେବା ସହ ପକେଟରେ ଥିବା ଆଧାର କାର୍ଡ, ଭୋଟର କାର୍ଡ ଛଡାଇ ନେଇଥିଲେ । ଏହାପରେ ସେମାନେ ଦୁଇଟି ବାଇକ ନମ୍ବର ବିହୀନ ବାଇକ ଯୋଗେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଡକାୟତ ମାନେ ସେଠାରୁ ଯିବା ପରେ ନିରୁପାୟ ହୋଇ ସେଲିମ ସେଖ ନିଜ ବାଇକରେ ବାଲିଗୁଡାକୁ ଆସି ଥାନାରେ ଅଭିଯୋଗ କରିଛନ୍ତି ।

## ପଞ୍ଚାୟତରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ



ପାଟଣା, ୨୯/୧୧ (ନି.ପ୍ର): ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ, ସ୍ୱସ୍ତି ଫାଉଣ୍ଡେସନ ଟ୍ରଷ୍ଟ ଓ ଭୂମିକା ଚକ୍ଷୁ ଚିକିତ୍ସାଳୟର ମିଳିତ ସହଯୋଗରେ ଚାକୁଣ୍ଡାପାଳ ପଞ୍ଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଗୃହରେ ଏକ ଦିବସୀୟ ଚକ୍ଷୁ ପରୀକ୍ଷା ଶିବିର ଓ ମୋତିଆ ବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ୱସ୍ତି ଫାଉଣ୍ଡେସନର ସମ୍ପାଦକ ମାନସ ରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଚକ୍ଷୁ ପରୀକ୍ଷା ଶିବିରରେ ଚାକୁଣ୍ଡାପାଳ ପଞ୍ଚାୟତର ଚାକୁଣ୍ଡାପାଳ, ଜହ୍ନେଇପଶି, ଜଡିଚାତର, ସରଧାପୁର, ଶ୍ୟାମସୁନ୍ଦରପୁର, ସାନଗମ୍ଭାରିଆ ଗ୍ରାମରୁ ୫୨ ଜଣ ବରିଷ୍ଠ ବ୍ୟକ୍ତିଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା । ଭୂମିକା ଚକ୍ଷୁ ଚିକିତ୍ସାଳୟର ମଣ୍ଡଳ ପରିଚାଳକ କର୍ଣାଟ କିଶୋର ଜେନାଙ୍କ ମାର୍ଗଦର୍ଶନରେ ଭୂମିକା ଚକ୍ଷୁ ଚିକିତ୍ସାଳୟର ଗୋଷ୍ଠୀ ସ୍ୱାସ୍ଥ୍ୟ ପରିଚାଳକ ରୁଦ୍ର ନାରାୟଣ ଲୋହାର, ବରିଷ୍ଠ ସ୍ୱାସ୍ଥ୍ୟ ସେବିକା ଆଶାଲତା ସାହୁ, ସସ୍ମିତା ମହାନ୍ତ, କ୍ଷେତୀୟ ସଙ୍ଗଠକ ଦିଲୀପ କୁମାର ପରିଡ଼ା ଓ ସ୍ୱସ୍ତି ଫାଉଣ୍ଡେସନ ଚେୟାରମ୍ୟାନ ଭକ୍ତ ବତ୍ସଳ ମହନ୍ତି ଉପସ୍ଥିତ ରହି ରୋଗୀ ମାନଙ୍କୁ ସ୍ୱାସ୍ଥ୍ୟ ସେବା ଓ ପରାମର୍ଶ ପ୍ରଦାନ କରିଥିଲେ । ସେମାନଙ୍କ ମଧ୍ୟରୁ ୧୪ ଜଣ ବରିଷ୍ଠ ନାଗରିକଙ୍କୁ ମୋତିଆବିନ୍ଦୁ ଚିହ୍ନଟ କରାଯାଇ ଭୂମିକା ଚକ୍ଷୁ ଚିକିତ୍ସାଳୟକୁ ମୋବାଇଲ ଭ୍ୟାନ ଯୋଗେ ପ୍ରେରଣ କରାଯାଇଛି । ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ସମ୍ପାଦକ ରଣଜିତ୍ କୁମାର ମହାନ୍ତ, ତ୍ରିଲୋଚନ ମହାନ୍ତ, ସୁଶାନ୍ତ କୁମାର ମହାନ୍ତ, ସୁବାସ ମହାନ୍ତ, ବିକେ ଜ୍ୟୋତି ପ୍ରକାଶ ଆନନ୍ଦ, ମନୋଜ ପଲେଇ ପ୍ରମୁଖ ଶିବିରରେ ଉପସ୍ଥିତ ରହି ରୋଗୀ ମାନଙ୍କୁ ନେବା ଆଣିବା ଓ ଚିକିତ୍ସାଳୟକୁ ପଠାଇବା କାମ କରିଥିଲେ । ସ୍ୱସ୍ତିକ ଫାଉଣ୍ଡେସନ କେନ୍ଦୁଝର ତରଫରୁ ୨୨ ଜଣ ବରିଷ୍ଠ ନାଗରିକଙ୍କୁ ମାଗଣା ଚଷମା ବଣ୍ଟନ କରାଯାଇଛି ।

## ପାଟଣା ବନାଞ୍ଚଳ ଇଲାକାରେ ଧାନ ଖାଇଗଲେ ହାତୀପଲ

ପାଟଣା, ୨୯/୧୧ (ନି.ପ୍ର):ପାଟଣା ବନାଞ୍ଚଳ ଅନ୍ତର୍ଗତ ଖିରେଇଟାଙ୍ଗିରି ବନକ୍ଷେତ୍ରର ଡ଼ଳଙ୍ଗ ଓ ଗୋଡି ପୋଖରୀ ଗ୍ରାମ ଇଲାକାରେ ୨୭ ଟିକିଆ ହାତୀପଲ କଟା ଯାଇନଥିବା ବିଲରେ ପଶି ବିଭିନ୍ନ ସ୍ଥାନରେ ଧାନ ଖାଇ ଯାଇଛନ୍ତି । ସେହିପରି ଡ଼ଳଙ୍ଗ ଗ୍ରାମରେ କଟାଯାଇ ରଖାଯାଇଥିବା ଡ଼ମ୍ବୁରୁଧର ମହାନ୍ତଙ୍କର ପାଖାପାଖି ୫୦ ବିଡା ଧାନ ହାତୀପଲ ଖାଇବା ସହ ନଷ୍ଟ କରିବା ପରେ ଗୋଡି ପୋଖରୀ ଗ୍ରାମର ବଣେଶ୍ୱର ନାଏକଙ୍କ ଖଳାରୁ ୮୦ ବିଡା ଧାନ ଖାଇବା ସହ ନଷ୍ଟ କରିଛନ୍ତି । ଆଜି ସକାଳୁ ହାତୀପଲ ପାଟଣା ବନାଞ୍ଚଳ ସୀମାନ୍ତ ସଦର ବନାଞ୍ଚଳର ବାଘୁଆ ସାହିସ୍ଥ କାସଭି ବ୍ରଏଲର ଫାର୍ମ ନିକଟରେ ଡେରା ପକାଇଥିଲେ ଏବଂ ଖିରେଇଟାଙ୍ଗିରି ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଗଜସାଥୀ ଓ ପାରାଷ୍ଟାପଙ୍କ ସହ ଏହି ହାତୀପଲଙ୍କ ଉପରେ ନଜର ରଖିଛନ୍ତି ।

## ଦୁର୍ଦ୍ଧାନ୍ତ ମାଓନେତା ଦାଶୁରଙ୍କ ଅଙ୍ଗରକ୍ଷକ ତଥା କ୍ୟାଡର ମାଓବାଦୀ 'ବିଜା'ର ଆତ୍ମସମର୍ପଣ



କନ୍ଧମାଳ, ୨୯/୧୧ (ନି.ପ୍ର): ସୁରକ୍ଷା ବାହିନୀଙ୍କ ଲଗାତାର ଚଢ଼ାଉ ଫଳରେ କନ୍ଧମାଳ ଜିଲାରେ ମାଓ ଦୁର୍ଗ ଭୁଷୁଡ଼ିବାରେ ଲାଗିଛି । ଚଳିତ ବର୍ଷ ବୌଦ୍ଧ ଓ କନ୍ଧମାଳ ଜିଲାରେ ପୁଲିସ ଗୁଳିରେ ୪ ଜଣ ନକ୍ସଲଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁବାର ଜଣେ କ୍ୟାଡର ମାଓବାଦୀ କନ୍ଧମାଳ ପୁଲିସ ନିକଟରେ ଆତ୍ମସମର୍ପଣ କରିଛି । ଆତ୍ମସମର୍ପଣ କରିଥିବା ମାଓବାଦୀ ଜଣକ ହେଲେ ବିଜା ମାଡଭୀ ଓରଫ ଟିକେସ । ଛତିଶଗଡ଼ ସୁକମା ଜିଲା କିସ୍ତାରାମ ଥାନା ଅନ୍ତର୍ଗତ ମଙ୍ଗଳଗୁଡା ଗ୍ରାମର ବିଜା ୨୦୧୮ ମସିହାରୁ ମାଓ ସଙ୍ଗଠନର ଦରବା ଡିଭିଜନରେ ସାମିଲ ହୋଇ ପଶ୍ଚିମ ବସ୍ତର, ମାଦ ଏବଂ ଉତ୍ତର ବସ୍ତର ଅଞ୍ଚଳରେ କାର୍ଯ୍ୟକରି ଆସୁଥିଲେ । ୨୦୨୦ ମସିହାରେ ସେ ଓଡ଼ିଶା କ୍ୟାଡରକୁ ଆସି ଅଷ୍ଟମ କମ୍ପାନୀ (କାଡାମ ଏରିଆ କମିଟି) ର ସଦସ୍ୟ ଭାବେ ନୂଆପଡା ଅଞ୍ଚଳରେ ସକ୍ରିୟ ରହିଥିଲେ । ଏବେ ସେ କନ୍ଧମାଳ ଜିଲାର ରାହୁଲ ଏରିଆ କମିଟିର ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ । ବିଜା ଗତ ଫେବୃଆରୀ ମାସରେ ପୁଲିସ ଗୁଳିରେ ନିହତ ହୋଇଥିବା ଦୁର୍ଦ୍ଧାନ୍ତ ମାଓନେତା ଦାଶୁରଙ୍କ ଅଙ୍ଗରକ୍ଷକ ଥିଲେ । ୨୦୨୦ ମସିହା ସିର୍ଲା, ବାଇବାଲି ସମେତ ୧୦ଟି ଗୁଳି ବିନିମୟ ଘଟଣାରେ ସେ ସାମିଲ ଥିଲେ ବୋଲି ଗୁରୁବାର ଜିଲା ପୁଲିସ ମୁଖ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଡିଆଇଜି ସାର୍ଥକ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି । ମାଓ ସଙ୍ଗଠନ ପ୍ରତି ଜନସମର୍ଥନ କ୍ରମାଗତ ଭାବେ ହ୍ରାସ ପାଉଥିବା ବେଳେ? ସଙ୍ଗଠନ ଭିତରେ ଉତ୍ପୀଡ଼ନ ଏବଂ ବିକାଶ ବିରୋଧୀ କାର୍ଯ୍ୟକଳାପ ପ୍ରତି ବିତସ୍ପୃହ ହୋଇ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି ବିଜା । ତାଙ୍କ ଠାରୁ ମିଳିଥିବା ସୂଚନା ଆଧାରରେ ପୁଲିସ ବାଲିଗୁଡ଼ା ଥାନା ଅନ୍ତର୍ଗତ ସରୁଲଇ ନିକଟରେ ଚଢାଉ କରି ଜିଲେଟିନ ଷ୍ଟିକ, ବନ୍ଧୁକ, ଖାଦ୍ୟ ସାମଗ୍ରୀ, ପୋଷାକ ସହିତ ବିପୁଳ ମାଓ ସାମଗ୍ରୀ ଜବତ କରିଛି । ଏହି ମାଓବାଦୀ ଗୁରୁବାର କନ୍ଧମାଳ ଜିଲା ପୁଲିସ ମୁଖ୍ୟାଳୟ ଠାରେ ଦକ୍ଷିଣାଞ୍ଚଳ ଡିଆଇଜି ଡ. ଷଡ଼ଙ୍ଗୀ ଏବଂ କନ୍ଧମାଳ ଏସପି ହରିଶ ବି.ସିଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଛି । ତାଙ୍କୁ ରାଜ୍ୟ ସରକାରଙ୍କ ଯୋଜନା ଅନୁଯାୟୀ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଏ ଅବସରରେ ଡିଆଇଜି ପ୍ରକାଶ କରିଛନ୍ତି ।

## କଣାସ ଡାକ୍ତରଖାନା ପାଲଟିଛି ମଦ ବାର

### ଡାକ୍ତରଖାନାରେ ଡାକ୍ତର ଓ ଫାର୍ମାସିଷ୍ଟଙ୍କ ମଦ ଆସର



କଣାସ, ୨୯/୧୧ (ନି.ପ୍ର): ସ୍ୱାସ୍ଥ୍ୟ ହିଁ ସମ୍ପଦ, ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଚେଷ୍ଟିତ ଥିବା ବେଳେ ଆଧୁନିକ ଜ୍ଞାନ କୌଶଳ ମାଧ୍ୟମରେ ଉନ୍ନତ ମାନର ଯନ୍ତ୍ରପାତି, ନୂତନ ବିଲ୍ଡିଂ, ଅଭିଜ୍ଞ ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ବିଭିନ୍ନ ବିଭାଗରେ କର୍ମଚାରୀ ଓ ମାଗଣାରେ ଔଷଧ ମଧ୍ୟ ଯୋଗାଇ ଦେଉଛନ୍ତି । ହେଲେ ବିଡ଼ମ୍ବନାର ବିଷୟ ଡାକ୍ତର, ଫାର୍ମାସିଷ୍ଟ ଓ ଅନ୍ୟାନ୍ୟ କର୍ମଚାରୀ ମିଶି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଦ୍ୟପାନ କରିବା ଫଟୋ ମୋବାଇଲରୁ ମୋବାଇଲକୁ ଘୁରି ବୁଲୁଥିବା ବେଳେ ମେଡ଼ିକାଲକୁ ମଦବାର ବନେଇ ଦେଇଥିବା ସାଧାରଣ ଲୋକେ ଅଭିଯୋଗ କରିଛନ୍ତି । ମେଡିକାଲ ପରିସରର ବିଭିନ୍ନ ସ୍ଥାନରେ ମଦ ବୋତଲ ଗଡୁଥିବା ମଧ୍ୟ ଦେଖିବାକୁ ମିଳୁଛି । ଅନେକ ସମୟରେ ଡାକ୍ତର ଓ ଫାର୍ମାସିଷ୍ଟ ମଦ୍ୟପାନ କରି ରୋଗୀସେବା କରୁଥିବା ବେଳେ କେତେବେଳେ କାହାର ଅଘଟଣ ନଘଟିବ କିଏ କହିବ ? ଉପାନ୍ତ ଅଞ୍ଚଳ ହେଉକି ଉପକୂଳ, ବିଭିନ୍ନ ସମୟରେ ଡାକ୍ତରଙ୍କ ଅସାବଧାନତା ବଶତଃ ଚିକିତ୍ସା ଯୋଗୁ ଅନେକ ସମୟରେ ମୂଲ୍ୟବାନ ଜୀବନ ଚାଲିଯାଉଥିବା ନଜିର ରହିଥିବା ବେଳେ ରୋଗୀର ଆତ୍ମୀୟ ପରିଜନମାନେ ନିଜର ଲୋକକୁ ହରାଇ ସର୍ବଶାନ୍ତ ହେଇପଡୁଛନ୍ତି । ହେଲେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଦିବ୍ୟସିଂହପୁର ପଞ୍ଚାୟତ ହରଚଣ୍ଡିପ୍ରସାଦରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କେତେକ ଡାକ୍ତର, ଫାର୍ମାସିଷ୍ଟ ଓ ଅନ୍ୟାନ୍ୟ ତଳିଆ କର୍ମଚାରୀ ରୀତିମତ ମଦ ମାଂସରେ ବୁଡ଼ିରହୁଥିବା ବେଳେ ସେହି ସମୟରେ କିଭଳି ରୋଗୀ ସେବା କରାଯାଉଛି ତାହା ସମସ୍ତଙ୍କୁ ଚକିତ କରିଛି । ଏଭଳି ଘଟଣାକୁ ନେଇ ପୁରୀ ଜିଲ୍ଲା ଅତିରିକ୍ତ ଚିକିତ୍ସାଧିକାରୀ ବିରଜା ରଥ କୁହନ୍ତି ଏହାର ବିଧିବଦ୍ଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଚାରିଛକ ଅର୍ଣ୍ଣପୂର୍ଣା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ତମାଖୁ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



ନିମାପଡା, ୨୯/୧୧ (ନି.ପ୍ର):ଚାରିଛକ ସ୍ଥିତ ଅର୍ଣ୍ଣପୂର୍ଣା ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ତମାଖୁ ମୁକ୍ତ ସମାଜ ଗଠନ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆରବିଏସକେ ଟିମର ମନୋରଞ୍ଜନ ମହାପାତ୍ର, ମିତାଲି ମଧୁସ୍ମିତା ପ୍ରଧାନ, ସରିତା ମଞ୍ଜରୀ ସେଠି ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ତମାଖୁ ବା ଧୂମ୍ରପାନ ଠାରୁ ଦୂରରେ ରହିବା ପାଇଁ ପ୍ରବର୍ତ୍ତାଇବା ସହ ଶପଥ ପାଠ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଅଞ୍ଚଳ ପରିକ୍ରମା କରିଥିଲା । ତମାଖୁ ସେବନର କୁ-ପ୍ରଭାବ ସମାଜକୁ କିପରି କଳୁଷିତ କରୁଛି, ତାହା ଉପରେ ଆଲୋକପାତ କରିଥିଲେ । ଏହି ଉପଲକ୍ଷେ ଏକ ବିତର୍କ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଆରବିଏସକେ ଟିମ ଦ୍ୱାରା ବିଦ୍ୟାଳୟକୁ ତମାଖୁ ମୁକ୍ତ ଏବଂ ଏହାର ଆଖପାଖକୁ ତମାଖୁ ମୁକ୍ତ କରିବାର ଶପଥ ନେଇଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମନସ୍ୱିନୀ ଲେଙ୍କା ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ, କର୍ମଚାରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ନେମାଳ ଅଞ୍ଚଳର ବିଶିଷ୍ଟ କଂଗ୍ରେସ ସଂଗଠକ ବଳରାମ ପତିଙ୍କ ବିୟୋଗରେ ଶୋକ



ମାହାଙ୍ଗା, ୨୯/୧୧ (ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ପଂଚାୟତର ଅତି ଜଣାଶୁଣା ବରିଷ୍ଠ କଂଗ୍ରେସ ସଂଗଠକ ବଳରାମ ପତିଙ୍କ ବୁଧବାର ଅପରାହ୍ନରେ ହୃଦ୍ ?ଘାତରେ ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୧ ବର୍ଷ ବୟସ ହୋଇଥିଲା । ଜଣେ ଧର୍ମପରାୟଣ, ନିର୍ଭିକ ବ୍ୟକ୍ତି ଭାବରେ ସେ ସମଗ୍ର ଅଂଚଳରେ ବେଶ୍ ? ପରିଚିତ ଥିଲେ । ଦୀର୍ଘ ୪୦ ବର୍ଷ ଧରି କଂଗ୍ରେସ ଦଳୀୟ ସାଂଗଠନିକ କାର୍ଯ୍ୟ କରି ସେ କଂଗ୍ରେସ ମହଲରେ ବେଶ୍ ? ପରିଚିତ ଥିଲେ । ସେ କିଛି ବର୍ଷ ଧରି ନେମାଳ ପଂଚାୟତ କଂଗ୍ରେସ କମିଟିର ସଭାପତି ଦାୟିତ୍ୱ ସୁଚାରୁ ରୂପେ ତୁଲାଇଥିଲେ । ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ମହାନଦୀ-ଚିତ୍ରୋତ୍ପଳା ଓ ଲୁଣା-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳ ସମେତ ଆଖ ପାଖ ଅଂଚଳରେ ଶୋକର ଛାୟା ଖେଳିଯାଇଥିଲା । ତାଙ୍କ ବିୟୋଗ ଖବର ପାଇ ସାହିତ୍ୟିକ ତଥା ସ୍ୱର୍ଗତ ପତିଙ୍କର ଏକାନ୍ତ ଅନ୍ତରଙ୍ଗ ଡକ୍ଟର ଗୋବିନ୍ଦ ଭୂୟାଁ, କଟକ ସଦର କଂଗ୍ରେସ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ଗୋଛାୟତ, ଆଇନଜୀବୀ ନାରାୟଣ ଦ୍ୱିବେଦୀ, ମହନ୍ତ ଗଗନାନନ୍ଦ ଗୋସ୍ୱାମୀ, ଆଇନଜୀବୀ ଇଂ. ଆକାଶ ଭୂୟାଁ, କଂଗ୍ରେସ ନେତା ଉଗ୍ରେସେନ ଭୂୟାଁ, ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ରମାକାନ୍ତ ବେହେରା, ସଂଗଠକ ପବିତ୍ର କୁମାର ମହାନ୍ତି, ମଳୟ କୁମାର ଦେ, ଉମେଶ ଚନ୍ଦ୍ର ଭୂୟାଁ, ଧରଣୀଧର ପୂଝାରୀ, ଦେବାନନ୍ଦ ଗୋସ୍ୱାମୀ, ହିଂମାଂଶୁ ଶେଖର ଦାଶ, ପ୍ରହଲ୍ଲାଦ ପୂଝାରୀ, ବଳଦେବାନନ୍ଦ ଦାସ, ପ୍ରାକ୍ତନ ସରପଂଚ ମୁକ୍ତାର ଅଲୀ, ରାଜକିଶୋର ପୃଷ୍ଟି, ପଂଚାୟତ ବିଜେପି ସଭାପତି ରବିନ୍ଦ୍ର ପୃଷ୍ଟି, ଅଶୋକ ସାହୁ, ନେମାଳ ପଂଚାୟତ ସରପଂଚଙ୍କ ପ୍ରତିନିଧି ଅମୀୟ ମହାନ୍ତି, ସମିତିସଭ୍ୟ ବିଶ୍ୱେନ୍ଦୁ ମହାରଣା, ନାରୀନେତ୍ରୀ ତଥା ସମାଜସେବିକା ପୁଷ୍ପିତା ପଣ୍ଡା, ରମେଶ ଚନ୍ଦ୍ର ବେହେରା, ସାମ୍ବାଦିକ କ୍ଷମାନିଧି ପୂଝାରୀ, ରତ୍ନାକର ବାରିକ, ବାବୁଲି ସେଠୀ, ତପନ ସିଂ, ସୁବାଷ ପାତ୍ର,ଅରୁପାନନ୍ଦ ଗୋସ୍ୱାମୀ, ସାହିତ୍ୟିକ ବିଷ୍ଣୁ ଚରଣ ମିଶ୍ର, ନାରାୟଣ ବାରିକ, ଶିବ ପ୍ରସାଦ ମିଶ୍ର, ସଦାଶିବ ଷଡଙ୍ଗୀ, ପ୍ରତାପ କୁମାର ମିଶ୍ର ପ୍ରମୁଖ ସ୍ୱର୍ଗତ ପତିଙ୍କ ବାସଭବନରେ ପହଞ୍ଚ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହିତ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ । ଚିତ୍ରୋତ୍ପଳା ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ପୁତ୍ର ବିଶ୍ୱରଂଜନ ପତି ମୁଖାଗ୍ନି ଦେଇଥିବା ବେଳେ ଅନ୍ତିମ ଶଯ୍ୟା ନିକଟରେ ଝିଅ, ଜ୍ୱାଇଁ, ପୁତ୍ରବଧୂ, ଭଣଜା, ଭାଣିଜୀ, ନାତି ନାତୁଣୀଙ୍କ ସମେତ ସମସ୍ତ ବନ୍ଧୁ ପରିବାରବର୍ଗ ଉପସ୍ଥିତ ଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୮ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗୀତା ଉଦଘାଟିତ



ପାଟଣା, ୨୯/୧୧ (ନି.ପ୍ର): ପାଟଣା ମୁଖ୍ୟାଳୟ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବୈତରଣୀ ବିହାରର ୨୮ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗୀତା ଆଜି ଉଦଘାଟିତ ହୋଇଯାଇଛି । ଦୁଇଦିନ ଅନୁଷ୍ଠିତ ହେବାକୁଥିବା ଏହି କ୍ରୀଡ଼ା ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଟଣା ଅଗ୍ନିଶମ ବିଭାଗ ଅତିରିକ୍ତ ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ଦାସ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ, ପରିଚାଳନା ସମିତି ଉପସଭାପତି ମଦନମୋହନ ମହାନ୍ତ, ସମ୍ପାଦକ ଡମ୍ବରୁଧର ମହାନ୍ତ, ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କର ପ୍ରମୁଖ ଉପସ୍ଥିତ ଥିଲେ । ଏହି ବାର୍ଷିକ କ୍ରୀଡ଼ାରେ ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ବର୍ଚ୍ଛା ଫିଙ୍ଗା, ଥାଳିଆ ଫିଙ୍ଗା, ବାଧା ଦୌଡ଼, ବେଲୁନ ଫଟା, ବିସ୍କୁଟ ଖିଆ ଆଦି ବିଭିନ୍ନ ଖେଳ ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଯାଉଛି । ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ଓ ସେବକ ସେବୀକା ମାନେ ସହଯୋଗ କରୁଛନ୍ତି ।

## ଆଦି ନାଟ୍ୟକାରଙ୍କ ଜୟନ୍ତୀ ଉତ୍ସବ ନିମନ୍ତ୍ରଣ ପତ୍ରରେ ତ୍ରୁଟି ସାଧାରଣରେ ଅସନ୍ତୋଷ - କେଉଁଟା ଠିକ କେଉଁଟା ଭୁଲ



ମାହାଙ୍ଗା, ୨୯/୧୧ (ନି.ପ୍ର): ମାହାଙ୍ଗା ବିକାଶ ପରିଷଦ ଆନୁକୂଲ୍ୟରେ ଓଡିଆ ନାଟକର ଜନକ ଆଦିନାଟ୍ୟକାର ଜଗମୋହନ ଲାଲଙ୍କ ୧୮୬ତମ ଜୟନ୍ତୀ ଉତ୍ସବ ମେଡିକାଲ ଛକ ମାହାଙ୍ଗାଠାରେ ତା. ୨୫.୧୧.୨୦୨୪ ରିଖ ସୋମବାର ଅନୁଷ୍ଠିତ ହୋଇଯାଇଛି । ଓଡିଆ ନାଟକ ଆନ୍ଦୋଳନର କର୍ଣ୍ଣଧାର ଆଦିନାଟ୍ୟକାର ଜଗମୋହନ ଲାଲଙ୍କ ଜୟନ୍ତୀ ପାଇଁ ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ଛପା ଯାଇଥିବା ନିମନ୍ତ୍ରଣ ପତ୍ରରେ ଆଦିନାଟ୍ୟକାରଙ୍କ ନାମ ଜଗମୋହନ ଲାଲ ଲେଖା ଯାଇଥିବା ବେଳେ ସେହି ମେଡିକାଲ ଛକ ମାହାଙ୍ଗାଠାରେ ଦୀର୍ଘ ବର୍ଷ ତଳୁ ସ୍ଥାପିତ ହୋଇଥିବା ପ୍ରତିମୂର୍ତ୍ତୀ ପାଖରେ ଆଦିନାଟ୍ୟକାରଙ୍କ ଜଗନମୋହନ ଲାଲ ବୋଲି ଲେଖାଯାଇଛି । ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ଆଦିନାଟ୍ୟକାରଙ୍କ ଜୟନ୍ତୀ ଉତ୍ସବର ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ପ୍ରସାର ହେବା ପରେ ସେଥିରେ ଆଦିନାଟ୍ୟକାରଙ୍କ ନାମ ଜଗମୋହନ ବୋଲି ଖବର ପ୍ରଚାର ପ୍ରସାର ହୋଇଥିଲା । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ପ୍ରକୃତରେ ଆଦିନାଟ୍ୟକାରଙ୍କ ନାମ କ'ଣ ? ପ୍ରତିମୂର୍ତ୍ତୀ ତଳେ ଲେଖାଯାଇଥିବା ଆଦିନାଟ୍ୟକାରଙ୍କ ନାମ ଜଗନମୋହନ ଲାଲ ନା ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ଜୟନ୍ତୀ ଉତ୍ସବ ପାଇଁ ଛପାଯାଇଥିବା ନିମନ୍ତ୍ରଣ ପତ୍ରରେ ଲେଖାହୋଇଥିବା ଆଦି ନାଟ୍ୟକାରଙ୍କ ନାମ ଜଗମୋହନ ଲାଲ ଏଥିରୁ କେଉଁଟି ଠିକ୍? ଓ କେଉଁଟି ଭୁଲ ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି । ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଯୋର ଧରିଛି ।

